ବର୍ଷ-୨୪, ସଂଖ୍ୟା-୩୧୩
ଭୁବନେଶ୍ୱର
୧୭ ଡିସେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 313
Bhubaneswar
17 December, 2024 Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com


# Mahabharat



ଦଳାଚକଟାରେ ଆହତ ଶିଶୁ ଭେଟିବେ ଅଲ୍ଲୁ ଅର୍ଜୁନ

## ଆଜିଠୁ ରତ୍ନଭଣ୍ଡାର ମରାମତି

**ପୁରୀ, ୧୬।୧୨ (ମହାଭାରତ):** ଆସନ୍ତାକାଲିଠୁ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବାକୁ ଯାଉଛି। ଦୈନିକ ୫ ଘଣ୍ଟା ଧରି ମରାମତି କାମ ହେବାକୁ ଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀଜିଉଙ୍କ ଶୃଙ୍ଖଳିତ ନୀତି ନିର୍ଘଣ୍ଟଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।



ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ଏନଜିଆରଆଇ ଓ ଏଏସ୍ଆଇ ପକ୍ଷରୁ ହୋଇଥିବା ଜିପିଆର୍ ସର୍ଭେ ରିପୋର୍ଟ ଆଧାରରେ ଓ ରାଜ୍ୟ ସରକାରଙ୍କ ଏସଓପି ଭିତ୍ତିରେ ହେବ। ମରାମତି କାମ ଉପସ୍ଥିତ ରହିବେ ଏଏସ୍ଆଇର ସଂରକ୍ଷଣ ଓ ରାସାୟନିକ ଆଦି ବିଭାଗର ବରିଷ୍ଠ ବୈଷୟିକ ବିଶେଷଜ୍ଞ ଏଥିସହ ଡାକ୍ତରୀ ଟିମ, ଅଗ୍ନିଶମ କର୍ମଚାରୀ ଓ ଏଏସ୍ଆଇର ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହିବେ।

ମରାମତି କାମ ପାଇଁ ରତ୍ନଭଣ୍ଡାରକୁ ପ୍ରବେଶ କରିବାକୁ ଥିବା ସମସ୍ତେ ସେବାୟତଙ୍କ ଭଳି ପାରମ୍ପରିକ ପୋଷାକ ପରିଧାନ କରିବେ। ଶ୍ରମିକ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଦିଆଯିବ। ବିନା ପରିଚୟପତ୍ରରେ କାହାରିକୁ ଭିତରକୁ ଛଡ଼ାଯିବ ନାହିଁ। ପ୍ରଥମେ ଭିତର ଭଣ୍ଡାର ମରାମତି ହେବ। ଏଥିପାଇଁ ପ୍ରଥମେ ଭାରାବନ୍ଧା କାମ ହେବ। ଏହାପରେ ସଂପୂର୍ଣ୍ଣ କାନ୍ଥର ପ୍ଲାଷ୍ଟର ଛଡ଼ାଯିବ। ଏହାପରେ ଯେଉଁ ଯେଉଁ ସ୍ଥାନରେ ଫାଟ ଅଛି ତାର ମରାମତି ହେବ। ପଥର ପ୍ରଭାବିତ ହୋଇଥିଲେ, ରିପ୍ଲେସ୍ କରାଯିବ। ସେହିପରି ଚଟାଣର ଅନେକ ସ୍ଥାନରେ ମୂଷା ଗାତ ଥିବାରୁ, ସଂପୂର୍ଣ୍ଣ ଚଟାଣର ମଧ୍ୟ ଡିପ୍ଲାଷ୍ଟରିଂ କରାଯାଇ ମରାମତି କରାଯିବ। ଯେଭଳି ଆଗାମୀ ଶହେ ବର୍ଷ ପାଇଁ କୌଣସି ସମସ୍ୟା ନରିବ ତାକୁ ଦୃଷ୍ଟିରେ ରଖି ମରାମତି କାର୍ଯ୍ୟ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସମୟ ନିର୍ଘଣ୍ଟ ଅନୁଯାୟୀ, ଦିପହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ପରେ ପ୍ରତ୍ୟେହ ଦିନ ପ୍ରାୟ ସାଢ଼େ ୧୨ଟା କିମ୍ବା ଗୋଟାଏରୁ ମରାମତି କାମ ଆରମ୍ଭ ହେବ। ଯାହା ପ୍ରାୟ ୫ ଘଣ୍ଟା ଧରି ଚାଲିବ। ତେଣୁ ମରାମତି କାମ ଯୋଗୁ ଶ୍ରୀଜୀଉଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ହେବନାହିଁ ଓ ଦର୍ଶନ ଶୃଙ୍ଖଳିତ ରହିବ ତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସବୁଠୁ ବଡ଼ କଥା ହେଉଛି ଧନୁ ସଂକ୍ରାନ୍ତି ଅବସରରେ ଆଜିଠୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତିରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ଭିତରେ ସମନ୍ୱୟ ଦେଖିବାକୁ ମିଳିଛି। ନିର୍ଦ୍ଧାରିତ ସମୟରେ ହୋଇଛି ପହିଲି ଭୋଗ ନୀତି। ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହିଲି ଭୋଗ ନୀତି ହେବାକୁ ଥିବାରୁ ଏହିଭଳି ଶୃଙ୍ଖଳିତ ନୀତିକାନ୍ତି ଉପରେ ଏବେ ସମସ୍ତଙ୍କ ନଜର।

# ସୁଭଦ୍ରା ପାଇଁ ନୂଆ ଗାଇଡ୍‌ଲାଇନ୍

ଭୁବନେଶ୍ୱର, ୧୬।୧୨ (ମହାଭାରତ); ଏବେଠୁ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରିବାକୁ ପଡିବ। ଯେଉଁ ୫.୧୧ଲକ୍ଷ ହିତାଧିକାରୀମାନେ ସୁଭଦ୍ରା ଅଧୀନରେ ଇ-କେୱାଇସି କରିନାହାନ୍ତି କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି, ସୁଭଦ୍ରା ସହାୟତା ପାଇବା ନିମନ୍ତେ ସେମାନଙ୍କୁ ମଧ୍ୟ ବାୟୋମେଟ୍ରିକ ପ୍ରକ୍ରିୟା ଇ-କେୱାଇସି କରିବାକୁ ପଡିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏହି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତ ହିତାଧିକାରୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଯାଂଚ ସରିଲେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା ଉପଲବ୍ଧ ହେବ। ମୋସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର (ସିଏସସି/ ଏମଏସକେ)ମାନଙ୍କରେ ବାୟୋମେଟ୍ରିକ ପ୍ରକ୍ରିୟାରେ ସୁଭଦ୍ରା ସହାୟତା ପାଇନଥିବା ହିତାଧିକାରୀମାନଙ୍କ ଇ-କେୱାଇସି କରାଯିବ ବୋଲି ସେ ସୁନିଶ୍ଚିତ କରିଛନ୍ତି। ଏହି କେନ୍ଦ୍ରମାନଙ୍କର କର୍ମଚାରୀ ସେମାନଙ୍କୁ ଟେଲିଫୋନ କରି ସେମାନଙ୍କୁ ବାୟୋମେଟ୍ରିକ ପଦ୍ଧତିରେ ଇ-କେୱାଇସି କରିବାକୁ ପରାମର୍ଶ ଦେବେ ବୋଲିସେ ପ୍ରକାଶ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା



### ୫.୧୧ ଲକ୍ଷ ଆବେଦନକାରୀଙ୍କୁ ବାୟୋମେଟ୍ରିକ ଜରିଆରେ ଇ-କେୱାଇସି କରିବାକୁ କଲେ ଅନୁରୋଧ

### ସମସ୍ତ ହିତାଧିକାରୀଙ୍କ ଯାଞ୍ଚ ସରିଲେ ମିଳିବ ସୁଭଦ୍ରା ଚତୁର୍ଥ ପର୍ଯ୍ୟାୟ କିସ୍ତି : ଉପମୁଖ୍ୟମନ୍ତ୍ରୀ

ଯୋଗୁଁ ଏଯାବତ ୫୨ ଗୋଟି ଜନ ସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଥିବା ବେଳେ ବେଆଇନ ଭାବେ ହିତାଧିକାରୀଙ୍କୁ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ ଗୋଟି ଜନ ସେବା କେନ୍ଦ୍ରବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି। ଅନେକ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାହାରି ଯିବା ପାଇଁ ଦରଖାସ୍ତ ଦେଇଛନ୍ତି। କିନ୍ତୁ ଅନେକ ଆବେଦନକାରୀ ଭୁଲରେ ଏହି ଦରଖାସ୍ତ ଦେଇଛନ୍ତିବୋଲି ଆମର ବହୁ ଅଭିଯୋଗ ହସ୍ତଗତ ହୋଇଛି ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉକ୍ତ ସମସ୍ୟାକୁ ତର୍ଜମା କରି "ବାହାରିଯିବାର" ବିକଳ୍ପ ବ୍ୟବସ୍ଥାକୁ ସୁଭଦ୍ରା ପୋର୍ଟାଲରେ ବନ୍ଦ କରାଯାଇଛି ଏବଂ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ଇ-କେୱାଇସି ହୋଇନଥିବା କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି ହୋଇଥିବା ସମସ୍ତ ହିତାଧିକାରୀଙ୍କର ବିସ୍ତୃତ ତାଲିକା ସୁଭଦ୍ରା ପୋର୍ଟାଲରେ ଉପଲବ୍ଧ ଅଛି। ହିତାଧିକାରୀମାନେ ମଧ୍ୟ ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡ଼ିପିଓ)ଙ୍କ ଅଫିସରେ ଥିବା ହେଲ୍ପଡ଼େସ୍କ ମାଧ୍ୟମରେ ଏହି ତଥ୍ୟ ପାଇପାରିବେ।

ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେୱାଇସି କରାଇବା ନିମନ୍ତେ ସେମାନଙ୍କୁ ସ୍ୱୀକୃତି ରସିଦ କିମ୍ବା ନିଜ ଆଧାର ନମ୍ବର ସାଙ୍ଗରେ ନେଇ ନିକଟତମ ସିଏସସି/ ଏମଏସକେ କେନ୍ଦ୍ରକୁ ଯିବାକୁ ପଡିବ। ବାୟୋମେଟ୍ରିକ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଶୁଳ୍କ ଅଟେ। ଏଥି ନିମନ୍ତେ ହିତାଧିକାରୀମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। ଏହି କେନ୍ଦ୍ରର ଅଧିକାରୀ ହିତାଧିକାରୀମାନଙ୍କୁ ସ୍ପଷ୍ଟ କରିବେ କି ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବାପରେ ହିତାଧିକାରୀମାନେ ନିଜର ବ୍ୟାଙ୍କକୁ ଯାଇ ବ୍ୟାଙ୍କ ଖାତାକୁ ଆଧାର ସହ ସଂଯୋଗ ଏବଂ ଡ଼ିବିଟି ସହ ସଂଯୋଗ କରାଇବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛିଫ

## ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ମୋଦୀ

**ଭୁବନେଶ୍ୱର, ୧୬।୧୨ (ମହାଭାରତ):** ଜାନୁଆରୀରେ ଦୁଇ ଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଓ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଆସନ୍ତା ଜାନୁଆରୀ ୮, ୯ ଓ ୧୦ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେବେ



ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେହିପରି ଜାନୁଆରୀ ୨୭ ଓ ୨୮ତାରିଖ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଭୁବନେଶ୍ୱରରେ ଆୟୋଜିତ ହେବ। ସେଥିରେ ମଧ୍ୟ ପ୍ରଧାନମନ୍ତ୍ରୀ ଯୋଗଦେବେ। ରାଜ୍ୟ ପୁଲିସ ହାବିଲଦାର କନଷ୍ଟେବଲ ସିପାହୀ ମହାସଙ୍ଘ ଉତ୍ସବରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଜର୍ଜିଆ ରିସର୍ଟରୁ ୧୨ ଭାରତୀୟଙ୍କ ମୃତଦେହ ଉଦ୍ଧାର

ଜର୍ଜିଆ, ୧୬।୧୨ (ଏଜେନ୍ସି): ଜର୍ଜିଆର ଗୁଦାଉରି ଠାରେ ଥିବା ଗୋଟିଏ ମାଉଣ୍ଟେନ ରିସର୍ଟରୁ ୧୨ ଭାରତୀୟଙ୍କ ମୃତଦେହ ମିଳିଛି। ସମସ୍ତଙ୍କ ମୃତଦେହ ରିସର୍ଟର ରେଷ୍ଟୁରାଣ୍ଟର ଉପର ମହଲାରେ ଥିବା ବେଡରୁମ ଭିତରୁ ମିଳିଥିବା ଟବିଲିସି ସ୍ଥିତି ଭାରତୀୟ ମିଶନ ପକ୍ଷରୁ ସୂଚନା ଦିଆଯାଇଛି।

ଜର୍ଜିଆର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଗୋଟିଏ ବିବୃତିରେ କୁହାଯାଇଛି ଯେ ପ୍ରାଥମିକ ତଦନ୍ତରୁ କୌଣସି ମୃତକଙ୍କ ଦେହରେ କ୍ଷତଚିହ୍ନ ନାହିଁ ଅର୍ଥାତ କୌଣସି ହିଂସାରେ ସେମାନଙ୍କ ମୃତ୍ୟୁ ହୋଇନାହିଁ। ସମସ୍ତେ କାର୍ବନ ମୋନୋକ୍ସାଡ ବିଷ ଯୋଗୁ ପ୍ରାଣ ହରାଇଛନ୍ତି।

ଟବିଲିସିରେ ଥିବା ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି ଯେ ସମସ୍ତ ୧୨ ମୃତକ ଭାରତୀୟ। କିନ୍ତୁ ଜର୍ଜିଆର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର କହିବା କଥା ଯେ ମୃତକଙ୍କ ମଧ୍ୟରେ ୧୧ ଜଣ ବିଦେଶୀ ଓ ଜଣେ ହେଉଛନ୍ତି। ଜର୍ଜିଆର ନାଗରିକ ସମସ୍ତ ମୃତକ ଉକ୍ତ ଭାରତୀୟ ରେଷ୍ଟୁରାଣ୍ଟର କର୍ମଚାରୀ ଥିଲେ ସମସ୍ତଙ୍କ ମୃତଦେହ ରେଷ୍ଟୁରାଣ୍ଟର ଦ୍ୱିତୀୟ ମହଲାରେ ଥିବା ବେଡରୁମରୁ ମିଳିଛି। ଭାରତୀୟ ମିଶନ ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ରେ ଲାଗିପଡ଼ିଛି। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି କହିଛି।

# ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୬।୧୨ (ମହାଭାରତ):** ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ସବୁ ସମୟରେ ସାଧାରଣ ଲୋକଙ୍କୁ ଭେଟିବା, ସେମାନଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି।

ଅଭିଯୋଗ ଗୁଡିକ ମଧ୍ୟରେ ଅଧିକାଂଶ ଅଭିଯୋଗ ଘର, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରଶାସନ ପକ୍ଷରୁ ଏହି ସବୁ ସମସ୍ୟାଗୁଡିକୁ ତୃଣମୂଳ ସ୍ତରରେ ସମାଧାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଥମିକତା ଦେଇଥାନ୍ତି। ସେମାନଙ୍କ ଅଭଯୋଗକୁ ସେ ପ୍ରଥମେ ଶୁଣାଣି କରିଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିଲେ। ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ନିଜେ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ମଧ୍ୟ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏହି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭିନ୍ନକ୍ଷମ ଅଭିଯୋଗକାରୀମାନେ ଆଶା ଓ ଭରସା ସହିତ ଆନନ୍ଦ ମନରେ ଫେରିଥିଲେ। କେନ୍ଦୁଝରରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ପ୍ରେମଲତା ନନ୍ଦ, ସୋରରୁ ସୋସାଇଟି ଋଣ ସମସ୍ୟା ନେଇ ଆସିଥିବା ପୁରୁଷୋତ୍ତମ ମହାନ୍ତି, ଧର୍ମଶାଳାରୁ ଜମିଜମା ସମସ୍ୟା ନେଇ ଆସିଥିବା ରଘୁନାଥ ମିଶ୍ର ପ୍ରମୁଖ ସମସ୍ତେ ସମାଧାନର ଆଶା ନେଇ ଖୁସି ମନରେ ଫେରିଥିଲେ।

ଆଜି ପ୍ରାୟ ୧୦୦୦ ଜଣ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜିକରଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶୀତରେ ଥରୁଛି ସାରା ଓଡ଼ିଶା

ଭୁବନେଶ୍ୱର, ୧୬।୧୨ (ମହାଭାରତ): ଗତ ୪ ଦିନ ହେଲା ସାରା ଓଡ଼ିଶା ପ୍ରବଳ ଶୀତରେ ଥରୁଛି। କୋରାପୁଟରୁ କଟକ, କଳାହାଣ୍ଡିରୁ କନ୍ଧମାଳ, କଟକରୁ ଭୁବନେଶ୍ୱର ସବୁଆଡ଼େ ପ୍ରବଳ ଶୀତ ଲହରୀ ଅନୁଭୂତ ହେଉଛି। ଆଗାମୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଏହି ଥଣ୍ଡା ଓ କୋହଲା ପାଗ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ କୋରାପୁଟ ଓ କନ୍ଧମାଳରେ ଘନ କୁହୁଡି ହେବାର ମଧ୍ୟ ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଟି ସ୍ଥାନରେ ମଧ୍ୟମ ଧରଣର କୁହୁଡି ହୋଇପାରେ। ଏହାଛଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା, ଜଗତସିଂହପୁର, ଅନୁଗୋଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ କୁହୁଡି ହେବାର ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୧୭ ତାରିଖରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲକା ବର୍ଷା ହୋଇପାରେ। ୧୮ ତାରିଖରେ ମଧ୍ୟ ଗୋଟିଏରୁ ଦୁଇଟି ଜିଲ୍ଲାରେ ବର୍ଷା ହୋଇପାରେ। ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କାଁଭାଁ ବର୍ଷା ହୋଇପାରେ।

# ଆସିବ 'ଏକ ଦେଶ, ଏକ ନିର୍ବାଚନ' ବିଧେୟକ

**ନୂଆଦିଲ୍ଲୀ, ୧୬।୧୨ (ମହାଭାରତ):** 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ଆସନ୍ତାକାଲି ଏକ ଦେଶ ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ବିଲ୍ ଲୋକସଭାରେ ଆଗତ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାଲ ଏହି ବିଲ୍ ଉପସ୍ଥାପନ କରିବେ। ୱାନ୍ ନେସନ୍ ୱାନ୍ ଇଲେକ୍ସନ୍ ହେଉଛି ମୋଦୀ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ପ୍ରତିଶ୍ରୁତି। ଆସନ୍ତାକାଲି ପାଇଁ ଏନ୍‌ଡିଏର ସମସ୍ତ ସଦସ୍ୟଙ୍କୁ ଗୃହରେ ଉପସ୍ଥିତ ରହିବା ପାଇଁ ହ୍ୱିପ୍ ଜାରି କରାଯାଇଛି।



ଏହା ପୂର୍ବରୁ ଡିସେମ୍ବର ୧୬ର କାର୍ଯ୍ୟସୂଚୀରେ ଏହାକୁ ସାମିଲ କରାଯାଇଥିଲା, କିନ୍ତୁ ବିଲ୍ ଉପସ୍ଥାପନ ହେଲା ନାହିଁ। ସରକାର ପୂର୍ବରୁ ବିଧେୟକର ପ୍ରତିଲିପି ସମସ୍ତ ସାଂସଦ ଅଧ୍ୟୟନ ପାଇଁ ଦେଇସାରିଛନ୍ତି। ତେବେ ଏହାକୁ ଗୋଟିଏ ଦିନ ବିଳମ୍ବରେ ଅର୍ଥାତ ଡିସେମ୍ବର ୧୭ ଅର୍ଥାତ ମଙ୍ଗଳବାର ଲୋକସଭାରେ ଉପସ୍ଥାପନ କରାଯିବ।

ସୂଚନା ଅନୁଯାୟୀ, ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ କରିବା ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ସଂସଦରେ ଆଗତ ହେବାର ସମ୍ଭାବନା ରହିଛି। ଏହାକୁ ଦୁଇ ଗୃହର ମିଳିତ କମିଟିକୁ ପଠାଯାଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ୍ ଗତ ସପ୍ତାହରେ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ ସ୍ଥାନୀୟ ନିର୍ବାଚନ କିପରି ହେବ ସେ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

କେନ୍ଦ୍ର ମନ୍ତ୍ରିମଣ୍ଡଳ ଦୁଇ ପ୍ରସ୍ତାବିତ ବିଲକୁ ମଞ୍ଜୁରି ଦେଇସାରିଛି। ସମ୍ବିଧାନ ସଂଶୋଧନ ବିଧେୟକ ପାରିତ କରିବା ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ଦରକାର ଥିବା ବେଳେ ଦ୍ୱିତୀୟ ବିଧେୟକଙ୍କ ପାଇଁ ଗୃହରେ ସାଧାରଣ ବହୁମତ ଦରକାର ପଡ଼ିବ। ମୋଦୀ ସରକାର ସାଂସଦମାନଙ୍କୁ ଏହି ବିଲ୍ ର ନକଲ ବଣ୍ଟନ କରିଛନ୍ତି, ଯାହାଦ୍ୱାରା ସେମାନେ ଏହାକୁ ଅଧ୍ୟୟନ

ରିପାରିବେ। ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୨୦ରେ ଶେଷ ହେଉଛି। ତେଣୁ ଏକ ଦେଶ ଗୋଟିଏ ନିର୍ବାଚନ ସମ୍ବନ୍ଧୀୟ ଏହି ବିଲ୍ ଉପସ୍ଥାପନ କରିବାକୁ ସରକାରଙ୍କ ପାଖରେ ମାତ୍ର ୪ ଦିନ ବାକି ରହିଛି।

## ଶ୍ରୀମନ୍ଦିରରେ ସେବାୟତ ମୁହାଁମୁହିଁ

**ପୁରୀ, ୧୬।୧୨ (ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଶ୍ରୀମନ୍ଦିର ଭିତରେ ଦୁଇ ସେବାୟତ ପିଟାପିଟି ହୋଇ ରକ୍ତାକ୍ତ ହେବା ଘଟଣା ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଗୋଟିଏ ପରିବାରର ଦାଦା ଓ ପୁତୁରା ପାଦୁକ ବିକ୍ରି ଦକ୍ଷିଣାକୁ ନେଇ ମୁଥ ମରାମରି ହେବା ପରେ ବରିଷ୍ଠ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ରକ୍ତାକ୍ତ ହୋଇଛନ୍ତି। ତାଙ୍କୁ ତାଙ୍କ ନିଜ ପୁତୁରା ମାରିଥିବା ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଉଭୟ ଦାଦା ପୁତୁରା ପହଞ୍ଚିବା ପରେ ସେଠାରେ ମଧ୍ୟ ଉଭୟ ଧକ୍କା ମରାମରି ହୋଇଥିବା ଖବର ମିଳିଛି। ରାଜ୍ୟ ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ସୁଧୁରୁ ନାହାନ୍ତି ଶ୍ରୀମନ୍ଦିର ସେବାୟତ। ଆଜି ଏହି ଘଟଣା ତାହା ପ୍ରମାଣିତ କରିଛି। ଶ୍ରୀମନ୍ଦିର ବେହରଣ ଦ୍ୱାର ନିକଟରେ ଦୁଇ ସେବାୟତ ପିଟାପିଟି ହୋଇଛନ୍ତି। ଏଥିରେ ଜଣେ ବରିଷ୍ଠ ସେବାୟତ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଜେଲ ଗଲେ ୩ ଅଭିଯୁକ୍ତ

**ଭୁବନେଶ୍ୱର, ୧୬।୧୨ (ମହାଭାରତ):** ଭୁବନେଶ୍ୱରରୁ ସିବିଆଇ ୧୦ ଲକ୍ଷ ଟଙ୍କା ଜବତ କରିବା ଘଟଣାରେ ୩ଜଣ ଗିରଫ ଅଭିଯୁକ୍ତ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଶେଷ ହେବା ପରେ ବିଚାର ବିଭାଗୀୟ ହାଜତକୁ ଗଲେ ବ୍ରିଜ ଆଣ୍ଡ ରୁଫ କମ୍ପାନୀ ଜିଜିଏମ ଚଞ୍ଚଳ ମୁଖାର୍ଜୀଙ୍କ ସମେତ କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥି ଦେବଦତ୍ତ ମହାପାତ୍ର।

ଏହି ମାମଲାର ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। କାରଣ ୧୦ ଲକ୍ଷ ଟଙ୍କା ମିଳିବାର ଦୁଇ ଦିନ ପୂର୍ବରୁ ବଡ଼ ଡିଲ୍ ହୋଇଥିବା କୁହାଯାଉଛି। ଏହି ମାମଲାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ କରିଥିଲେ ହେଁ ତାଙ୍କୁ ସିବିଆଇ ଜେରା କରିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ନିଜେ ବିଷ୍ଣୁପଦ ସାମ୍ନାକୁ ଆସି ଏହି ଅଭିଯୋଗକୁ ଖଣ୍ଡନ କରିନାହାନ୍ତି କିମ୍ବା ନିଜ ତରଫରୁ କୌଣସି ସଫେଇ ଏଯାଏଁ ଦେଇନାହାନ୍ତି।

# ପଦ୍ମ ଧରିଲେ ୩ ଜିଲ୍ଲାର ବିଜେଡି ନେତା

ଭୁବନେଶ୍ୱର, ୧୬।୧୨ (ମହାଭାରତ): କଟକ, ଯାଜପୁର ଓ କୋରାପୁଟ ଜିଲ୍ଲାରେ ବିଜେଡିର ଦୁର୍ଗ ଭୁଶୁଡିବା ଆରମ୍ଭ କରିଛି। ଏହିସବୁ ଜିଲ୍ଲାର ବ୍ଲକ ଅଧକ୍ଷା, ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଦଳରୁ ଇସ୍ତଫା ଦେଇ ଆଜି ଆନୁଷ୍ଠାନିକ ଭାବେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି।

ବିଜେଡି, କଂଗ୍ରେସ ଉପରୁ ଆସ୍ଥା ହରାଇ କୋରାପୁଟ, କଟକ ଓ ଯାଜପୁର ଜିଲାର ବ୍ଲକ ଅଧକ୍ଷା, ଜିଲା ବିଜେଡି ଉପସଭାପତିଙ୍କ ସମେତ ବହୁ ସରପଂଚ ଓ ଏସ୍‌ଡିସି ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟର ଜୟପୁର ବ୍ଲକ ଅଧକ୍ଷା ଶ୍ରୀମତୀ ତିଳୋତମା ମୁଦୁଲିଙ୍କ ନେତୃତ୍ୱରେ ସରପଂଚ ଆନନ୍ଦ ହାଲୁଆ, ଟଙ୍କଧର ହାଲୁଆଙ୍କ ସମେତ ୧୩ ସରପଂଚ, ୧୪ ସମିତି ସଭ୍ୟ ଓ ୧୧ ଜଣ ଏସ୍‌ଡିସି (ସ୍ପେଶାଲ ଡେଭଲପମେଂଟ କାଉନ୍‌ସିଲ) ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି।



ସେହିପରି କଟକ ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ସରପଂଚ, ସମିତି ସଭ୍ୟ, ଆମ୍ବ କମିଟି ଅଧକ୍ଷ ଆଦିତ୍ୟ ପାଣିଙ୍କ ନେତୃତ୍ୱରେ ସରପଂଚ ପ୍ରତିମା ମଲ୍ଲିକଙ୍କ ୱାର୍ଡ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରୀନା ସ୍ୱାଇଁ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ଯୋଗଦେଇଛନ୍ତି। ଯାଜପୁର ଜିଲାର ଚିଟାଳୋ ପଂଚାୟତର ପୂର୍ବତନ ସରପଂଚ ଦିଲୀପ ମହାନ୍ତି, ପୂର୍ବତନ ପଂଚାୟତ ସମିତି ସଭ୍ୟ ନିରୁପମା ସେଠୀଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମଲ ହୋଇଛନ୍ତି।

ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିଆଳି ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିରୋଧୀ ଦଳନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରତ ବିଶ୍ୱାଳ, ସ୍ୱଚ୍ଛ ଭାରତ ଅଭିଯାନର ରାଜ୍ୟ ସଂଯୋଜକ ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ବିଶ୍ୱାଳ, ଯାଜପୁର ଜିଲା ସଭାପତି ଗୌତମ ରାୟ, ଯାଜପୁର ଜିଲାର ବରିଷ୍ଠ ନେତା ସୁବାଷ ମହାନ୍ତି, ମଣ୍ଡଳ ସଭାପତି ଶ୍ରୀନିବାସ ପରିଡ଼ା, ଶିକ୍ଷକ ସେଲର ରାଜ୍ୟ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧୀଠାରୁ ପାଦେ ଆଗରେ ରହୁ ପୋଲିସ ବାହିନୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୨ (ମହାଭାରତ): ଆଜିକାଲି ଅପରାଧୀମାନେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ତେଣୁ, ପୋଲିସକୁ ମଧ୍ୟ ଅପରାଧୀଙ୍କ ଠାରୁ ପାଦେ ଆଗରେ ରହିବାକୁ ହେବ। ଆଜି କଟକରେ ୬୯ତମ ପୋଲିସ ଡ୍ୟୁଟି ମିଟ୍ ୨୦୨୪ର ଉଦଯାପନୀ ସମାରୋହରେ ପୋଲିସ ବାହିନୀକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଥିପାଇଁ ପୋଲିସ ବଳର ଆଧୁନିକୀକରଣ, ପୋଲିସ ବ୍ୟବସ୍ଥାରେ ସଂସ୍କାର, ପୋଲିସ ଅନୁସନ୍ଧାନ ପାଇଁ ଭିତ୍ତିଭୂମି ଏବଂ ପ୍ରଶିକ୍ଷିତ ମାନବ ସମ୍ବଳର ନିତାନ୍ତ ଜରୁରୀ। ନହେଲେ, ଏକ ଅର୍ଦ୍ଧ-ପ୍ରସ୍ତୁତ ପୋଲିସ ବଳ ଅପରାଧୀଙ୍କୁ ଧରି ଦଣ୍ଡବିଧାନ କରିବା କାଠିକର ପାଠ ହୋଇଯିବ ବୋଲି ସେ କହିଥିଲେ। ପୁଲିସ ବିଭାଗର ଆଧୁନିକୀକରଣକୁ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ଆସୁଛନ୍ତି ବୋଲି ପ୍ରକାଶ କରି କହିଥିଲେ ଯେ, ଆଗାମୀ ଦିନରେ ପୋଲିସ୍‌ର ବ୍ୟବହାର ପାଇଁ ସମଗ୍ର ରାଜ୍ୟରେ ଗାଡ଼ି ସଂଖ୍ୟା ବଢ଼ାଯିବ ଯାହାଦ୍ୱାରା ପୋଲିସ ପେଟ୍ରୋଲିଙ୍ଗ୍, ତଦନ୍ତ, ପୀଡିତ ପାଖରେ ପହଁଚିବା, ଅପରାଧୀ ଧରିବା ଆହୁରି ସୁଦୃଢ଼ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାରେ ଥିବା ଅସ୍ତରଙ୍ଗ, ବଳଙ୍ଗା ଏବଂ ଡେଲାଙ୍ଗ ପୋଲିସ ଷ୍ଟେସନର ନୂତନ ଗୃହର ଉଦଘାଟନ କରିଥିଲେ।

ସେ କହିଥିଲେ ଯେ, ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବ ଶୀଘ୍ର ପୂରଣ



କରାଯିବ। ପୋଲିସ ବାହିନୀର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବା ପାଇଁ ପୋଲିସ ଥାନା ଗୁଡିକୁ ୯ ହଜାର ବାଇକ୍ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଥାନାକୁ ୬ଟି ଲେଖାଏଁ ବାଇକ୍ ଦିଆଯିବ। ଏଇ ନିକଟରେ ଗୃହରେ ପାରିତ ହୋଇଥିବା ଅତିରିକ୍ତ ବଜେଟରେ ଏଥିପାଇଁ ୩୫ କୋଟି ଟଙ୍କାର ବିଶେଷ ପ୍ରାବଧାନ କରାଯାଇଛି। ପୋଲିସ ବାହିନୀକୁ ସହଯୋଗ କରିବା ପାଇଁ ଗୃହରକ୍ଷୀ ପଦବୀ ପୂରଣ କରାଯିବ। ଖାଲି ଥିବା ଓ ନୂଆ ପଦବୀକୁ ମିଶାଇ ପ୍ରାୟ ୫ ହଜାର ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ମଧ୍ୟ ସେ କହିଥିଲେ।

ଦେଶରେ ଚାଲିଥିବା ସାଇବର କ୍ରାଇମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିକାଲି ପୁରା ଦେଶରେ ଅନେକ ଲୋକ ସାଇବର ଅପରାଧର ଶିକାର ହୋଇ ଅର୍ଥ ହରାଉଛନ୍ତି। ସାଇବର ଠକେଇ, ଡିଜିଟାଲ ଆରେଷ୍ଟ, ଇନଭେଷ୍ଟମେଂଟ ଠକେଇ ଆଦି ଅପରାଧ ବଢ଼ି ଚାଲିଛି। ସାଇବର ଅପରାଧ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ପୋଲିସ ବିଭାଗର ସାଇବର ସେଲକୁ ସୁଦୃଢ଼ଓ ଆଧୁନିକୀକରଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥି ପାଇଁ ଆଗାମୀ ଦିନରେ ଯେଉଁ ଜିଲ୍ଲାରେ ସାଇବର ଥାନା ନାହିଁ ସେଠାରେ ସାଇବର ଥାନା ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏତଦବ୍ୟତୀତ ଭୁବନେଶ୍ୱରରେ ସାଇବର ଅପରାଧର ଉଚ୍ଚକୋଟୀର ତଦନ୍ତ ଓ ତଦାରଖ ପାଇଁ ରାଜ୍ୟସ୍ତରରେ ଏକ ସାଇବର ଅପରାଧ ଶାଖା ସୃଷ୍ଟି କରାଯିବ, ଯାହାର ଦାୟିତ୍ୱରେ ଜଣେ ବରିଷ୍ଠ ଅଧିକାରୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମହିଳା ହିଂସା ବିରୁଦ୍ଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ମତ ଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମଧ୍ୟ ମହିଳାମାନଙ୍କ ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଦୁର୍ଭାଗ୍ୟ ବଶତଃ ମୋଟ ଦଣ୍ଡବିଧାନ ହାର ଏବଂ ମହିଳା ହିଂସା ବିରୁଦ୍ଧରେ ଦଣ୍ଡବିଧାନ ହାର ସର୍ବ ଭାରତୀୟ ସ୍ତରରେ ଓଡିଶାର ସ୍ଥିତି ନୈରାଶ୍ୟ ଜନକ ଥିଲା। ସେ କହିଲେ ଯେ, ଏହାର ପ୍ରମୁଖ କାରଣ ହେଉଛି ବୃତ୍ତିଗତ ଢଙ୍ଗରେ ଅନୁସନ୍ଧାନ ନ ହେବା ଏବଂ ପୂର୍ବବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ। ତେଣୁ, ସେ କହିଥିଲେ ଯେ, ଏହି ଦଣ୍ଡହାରକୁ ଜାତୀୟ ସ୍ତରକୁ ନେବାକୁ ହେବ। ଏଥିପାଇଁ ସରକାର ନିଜ ସ୍ତରରେ ଅଧିକ ମହିଳା କୋର୍ଟ ପ୍ରତିଷ୍ଠା କରୁଛନ୍ତି।

# ପୋଇ ଶାଗରେ ରହିଛି ଅନେକ ଗୁଣ

## ଦୂର କରିଥାଏ ଆଇରନ୍ ସମସ୍ୟା

ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିସ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।



ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ୍ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

# କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।



# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଡ୍ରଭର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଋପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।



# ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ

ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଋରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ । ଙ୍କ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥାତ୍ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।



# ହନୁମାନଙ୍କ ଏହି ଫଟୋ ଭୁଲରେ ବି ଘରେ ଲଗାନ୍ତୁନି



ସଂକଟମୋଚନ ହନୁମାନ ନିଜ ଭକ୍ତଙ୍କ ସବୁ ସଙ୍କଟ ଦୂର କରନ୍ତି। ଭଗବାନ ହନୁମାନ ବହୁତ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି କୁହାଯାଏ। ହନୁମାନଙ୍କୁ ପ୍ରସନ୍ନ କରିବାକୁ ବେଶୀ କିଛି କରିବାକୁ ପଡ଼ିନଥାଏ। ଭକ୍ତଙ୍କ ଶ୍ରଦ୍ଧା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ହନୁମାନଙ୍କ ଶରଣ ନେଲେ ସବୁ ସଙ୍କଟ ଦୂର ହୋଇଥାଏ। ହନୁମାନଙ୍କ ଭକ୍ତଙ୍କ ଉପରେ ସବୁ ଦେବାଦେବୀଙ୍କ ବିଶେଷ କୃପା ଦୃଷ୍ଟି ରହିଥାଏ। ଲୋକେ ଘରେ ହନୁମାନଙ୍କ ମୂର୍ତି ରଖି ମଧ୍ୟ ପୂଜା କରନ୍ତି।

ତେବେ ଘରେ ଭଗବାନଙ୍କ କେଉଁ ସ୍ୱରୂପ ବିରାଜିତ କରାଯିବା ଉଚିତ ଏବଂ କେଉଁ ପ୍ରତିମା ବିରାଜିତ କରାଯିବା ଉଚିତ ନୁହେଁ ତାହା ଜାଣିବା ଆବଶ୍ୟକ। ହନୁମାନଙ୍କ କିଛି ସ୍ୱରୂପ ଘରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଜୀବନରେ ଅଶାନ୍ତି ହୋଇଥାଏ।

**ଘରେ ହନୁମାନଙ୍କ କେଉଁ ପ୍ରତିମା ରଖିବା ଅନୁଚିତ :**

୧. ହନୁମାନ ନିଜ ଛାତି ଚିରିଥିବା ଫଟୋ ବା ମୂର୍ତି କେବେ ବି ଘରେ ରଖିବା ଉଚିତ ନୁହେଁ।

୨. ହନୁମାନ ସଂଜୀବନୀ ଧରି ଆକାଶରେ ଉଡୁଥିବାର ଫଟୋ ଘରେ ଲଗାଇବା ଅନୁଚିତ। ଶାସ୍ତ୍ର ଅନୁସାରେ ହନୁମାନଙ୍କର ସ୍ଥିର ଅବସ୍ଥାର ମୂର୍ତି ପୂଜା କରିବା ଉଚିତ।

୩. ରାକ୍ଷସଙ୍କ ସଂହାର କରୁଥିବା ହନୁମାନଙ୍କ ଫଟୋ ଘରେ ଲଗାଇବା ଉଚିତ ନୁହେଁ।

୪. ହନୁମାନ ନିଜ କାନ୍ଧରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବସାଇଥିବା ଫଟୋ ଘରେ ଲଗାଇବା ଅନୁଚିତ।

୫. ହନୁମାନଙ୍କ ଲଙ୍କା ଦହନ ଫଟୋ କେବେ ବି ଘରେ ଲଗାଇବା ଉଚିତ ନୁହେଁ। ଏହିଭଳି ଫଟୋ ଲଗାଇଲେ ଜୀବନରେ ସୁଖ ସମୃଦ୍ଧି ପ୍ରାପ୍ତ ହୋଇନଥାଏ।

**ହନୁମାନଙ୍କ ଏହି ଫଟୋ ଘରେ ଲଗାଇ ପାରିବେ :**

୧. ହନୁମାନଙ୍କ ଯୁବାବସ୍ଥାର ହଳଦିଆ। ବସ୍ତ୍ର ଧାରଣ କରିଥିବା ଫଟୋ ଘରେ ଲଗାଇବା ଶୁଭ ହୋଇଥାଏ।

୨. ପଢା ଘରେ ହନୁମାନଙ୍କ ଫଟୋ ଲଗାଇବା ଉଚିତ। ଏହାଦ୍ୱାରା ପାଠ ପଢାରେ ଏକାଗ୍ରତା ରହିଥାଏ।

୩. ହନୁମାନ ଶ୍ରୀରାମଙ୍କ ସେବା କରୁଥିବା ଫଟୋ ଲଗାଇଲେ ଘରେ ଧନ ବର୍ଷା ହୋଇଥାଏ।

୪. ଡାଇନିଂ ରୁମରେ ରାମ ଦରବାରର ଚିତ୍ର ଲଗାଇବା ଉଚିତ। ଏହାଦ୍ୱାରା ପରିବାରରେ ସ୍ନେହ ଓ ଆପୋଷ ବୁଝାମଣା ବଢିଥାଏ।

୫. ଘରର ମୁଖ୍ୟଦ୍ୱାରରେ ପଂଚମୁଖୀ ହନୁମାନଙ୍କ ପ୍ରତିମା ବା ଫଟୋ ଲଗାଇବା ଉଚିତ। ଏହାଦ୍ୱାରା ଘରକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ ଏବଂ ପରିବାର ସଦସ୍ୟଙ୍କ ଉପରେ କୌଣସି ସଙ୍କଟ ଆସିନଥାଏ।

୬. ହନୁମାନ ବୌଠି ମୁଦ୍ରା ଫଟୋ ଘରେ ଲଗାଇଲେ ସବୁ ପ୍ରକାର କଳହ ଦୂର ହୋଇଥାଏ।

ବିବାହିତ ଲୋକ ନିଜ ଶୟନକକ୍ଷରେ ହନୁମାନଙ୍କ କୌଣସି ବି ଫଟୋ ବା ପ୍ରତିମା ସ୍ଥାପିତ କରିବା ଉଚିତ ନୁହେଁ।

# ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।



ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଙ୍ଘ ସଙ୍କୁଚିତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସକୁ୍ୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ । ବ୍ଲଡପ୍ରେସର ଉପରେ ପ୍ରଭାବ ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ । ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ।

ଲୋୟର ବ୍ୟାକ୍ ଯନ୍ତ୍ରଣା

ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ। ଜଏଣ୍ଟ ପେନ୍ ଅଫିସରେ ୮ରୁ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ । ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ ।

### ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ମହାନଦୀ ଓଡ଼ିଆ ଜାତିର ଜୀବନଧାରା

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବାରେ ଓଡ଼ିଶାର ସର୍ବପ୍ରଥମ ବିଦ୍ୟାଳୟ। ଭାରତରେ ତ୍ରିଭାଷୀ ସୂତ୍ରରେ ଶିକ୍ଷାଦାନ ଲାଗି ନିଷ୍ପତି ହେବାର ଅନେକ ପୂର୍ବରୁ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିସାରିଥିଲା ବୋଲି ଏହି ସ୍କୁଲର ପ୍ଲାଟିନମ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଯେତେବେଳେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା, ସେଇ ସମୟରେ ବୁର୍ଲାବାସୀ ଏହି ବିଦ୍ୟାଳୟଟି ପ୍ରତିଷ୍ଠା କରିଥିଲେ। ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରି ମାତୃଭାଷା ଭିତିକ ବହୁଭାଷୀ ଶିକ୍ଷାକୁ ଗୁରୁତ୍ୱ ଦେଲେ ମାତ୍ର ୧୯୪୯ ମସିହାରେ ପ୍ରତିଷ୍ଠା ହେବା ଦିନ ଠାରୁ ଏହି ଶିକ୍ଷାନୁଷ୍ଠାନ ଏହି ବିଷୟକୁ ପ୍ରାଥମିକତା ଦେଇଆସିଛି। ଏଠାରେ ବାଲ-ବାଟିକା ରୁ




ଦ୍ୱାଦଶ ଶ୍ରେଣୀ ଯାଏଁ ୧୫ ବର୍ଷ ଗୋଟିଏ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ନିରବଚ୍ଛିନ୍ନ ଶିକ୍ଷାଲାଭର ସୁଯୋଗ ଦେବା ପାଇଁ ଉଦ୍ୟମ ଜାରି ରହିଛି। ଓଡ଼ିଶାରେ ଏକ ପ୍ରଗତିଶୀଳ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ବୁର୍ଲାର ଜନସାଧାରଣ ଦଶନ୍ଧି ଦଶନ୍ଧି ଧରି ପ୍ରୟାସ କରିଆସିଛନ୍ତି। ଏଣୁ ବୁର୍ଲାରେ ଶିକ୍ଷାର ବ୍ୟାପକ ବିକାଶ ମାଧ୍ୟମରେ ସମ୍ବଲପୁରକୁ ଭାରତର ଏକ ଅଗ୍ରଣୀ ଅଂଚଳରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

ସମ୍ବଲପୁରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ତିଆରି କରିବା ତଥା ଇଡକୋ ମାଧ୍ୟମରେ ବୁର୍ଲାରେ ଏକ ଆଧୁନିକ ଭବନ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଯୁବବର୍ଗର ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଉଦ୍ଦିଷ୍ଟ ୧୦୦ କ୍ୟୁବ୍ ବିଶେଷ ଫଳପ୍ରଦ ହୋଇପାରିବ ତଥା ବୁର୍ଲା, ନବ-ଓଡ଼ିଶା ନିର୍ମାଣର ପ୍ରୟୋଗଶଳା ଭାବେ ନୂଆ ପରିଚୟ ପାଇବ। ଓଡ଼ିଶାର ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଏହି ଅଂଚଳରେ ପ୍ରତିଷ୍ଠା କରାଯାଇଛି। ଏଠାରେ ଥିବା ଓୟୁଏଟିର କ୍ୟାମ୍ପସକୁ ଏକ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ଏବଂ ଏକବିଂଶ ଶତାବ୍ଦୀରେ ବୁର୍ଲାକୁ ଏକ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଦିଗରେ ସମସ୍ତଙ୍କୁ କାମ କରିବାକୁ ହେବ ବୋଲି ମତ ଦେଇଛନ୍ତି ଶ୍ରୀ ପ୍ରଧାନ।

ମହାନଦୀ ହେଉଛି ଓଡ଼ିଆ ଜାତିର ଜୀବନଧାରା। ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ, କୁଞ୍ଜେଲ ସିଂ ପ୍ରମୁଖ ସଂଗ୍ରାମୀଗଣଙ୍କ ବଳିଦାନ ଓଡ଼ିଶା ତଥା ଭାରତକୁ ସ୍ୱାଧୀନତା ଆଣିଦେଇଥିଲା, ଯାହାର ସାକ୍ଷୀ ହେଉଛି ମହାନଦୀ ଓ ସମ୍ବଲପୁର ଅଂଚଳ। ସମ୍ବଲପୁରର ବିକାଶକୁ ଓଡ଼ିଶା ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ସମାରୋହରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଅନ୍ତା ବ୍ଲକରେ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ଗ୍ରାମ ପଂଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମାଧାନ କରାଯାଉଅଛି। ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ କ୍ଷ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ଗ୍ରାମ ପଂଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ମିଳିତ ଜନ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୫୨ ଗୋଟି ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୮ ଓ ଗ୍ରାମ ସମସ୍ୟା ଜନିତ ୨୭ ଗୋଟି ଅଭିଯୋଗ ଥିଲା। ଅଭିଯୋଗ ପ୍ରକୋଷ୍ଠରେ ୬୪ ଗୋଟି ଅଭିଯୋଗ ର ତ୍ୱରିତ ଶୁଣାଣି କରି ସମାଧାନ କରାଯାଇଥିଲା ।

## ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଗାଁସାଥୀଙ୍କ ସଫଳତା ପାଇଁ ସରକାରୀ ଉଦ୍ୟମଜାରୀ

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୧୬ଜଣିଆ ଟିମ୍ ଗତକାଲି ସକାଳୁ ରାତି ମଧ୍ୟରେ ନିଜ ବିଭାଗୀୟ ମନ୍ତ୍ରୀ ପଞ୍ଚାୟତିରାଜଙ୍କ ସମେତ ରାଜ୍ୟ ସରକାରଙ୍କର ୫ଜଣ ପ୍ରମୁଖ ମନ୍ତ୍ରୀ ଓ ଏକାଧିକ ବିଧାୟକ ମାନଙ୍କୁ ଭେଟି ଗାଁସାଥୀ (ମେଟ୍)ଙ୍କର ମୁଖ୍ୟ ଦାବି ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ଭିତ୍ତିକ ପ୍ରଶାସନିକ କାର୍ଯ୍ୟକ୍ରମର ଅଗ୍ରଗତି ବାବଦରେ ବିଶେଷ ଆଲୋଚନା କରିଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ । ଏହି ସମସ୍ତ ଆଲୋଚନା ବିଧାନସଭା ଚାଲିଥିବା ସମୟରେ ମନ୍ତ୍ରୀ ଆଜ୍ଞାମାନଙ୍କ ନିଜ ନିଜର ଦପ୍ତର ମଧ୍ୟରେ ସଂଘର ପ୍ରତିନିଧି ଦଳଙ୍କ ସହିତ କରାଯାଇଥିବା ସ୍ଥଳେ ନିଜ ବିଭାଗୀୟ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାଏକଙ୍କ ସହିତ ତାଙ୍କ ସରକାରୀ ବାସଭବନରେ କରାଯାଇଅଛି। ସମସ୍ତ ଆଲୋଚନା ସକରାତ୍ମକ ହୋଇଛି ଓ ଉଚିତ୍ ସମୟରେ ଗାଁସାଥୀ (ମେଟ୍) ମାନଙ୍କ ପାଇଁ ସଠିକ୍ ଘୋଷଣା କରାଯିବ ବୋଲି ମନ୍ତ୍ରୀ ପଞ୍ଚାୟତିରାଜ ସ୍ପଷ୍ଟ କରିଥିବା ସଂଘର ସଂଠକମାନେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମିଳିତ ଭାବେ ସ୍ପଷ୍ଟ କରିଛନ୍ତି । ଆଜି ସକାଳେ ବିଭିନ୍ନ ଆଧ୍ୟାତ୍ମିକ ପୂଜାର୍ଚ୍ଚନା ପରେ ସେହି ୧୬ଜଣିଆ ପ୍ରମୁଖ ସଂଗଠକମାନଙ୍କର ଏକ ଜରୁରୀ ବୈଠକ ଭୁବନେଶ୍ୱର ସତ୍ୟନଗରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ସଂଘର ସାଧାରଣ ସମ୍ପାଦକ ଶ୍ରୀ ବିବେକାନନ୍ଦ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଏକାଧିକ ସାଙ୍ଗଠନିକ ନିଷ୍ପତ୍ତି ନିଆଯାଇଛି । ସେଥି ମଧ୍ୟରୁ ଏକ ବିଶେଷ ନିଷ୍ପତ୍ତି ହେଉଛି ଯେ, ଚଳିତ ବର୍ଷ ଡିସେମ୍ବର ୭ ତାରିଖ ଦିନ ରାଜ୍ୟର ୧୦ଜଣ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ପଞ୍ଜିକୃତ ସଂଘର ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱଙ୍କୁ ବଦନାମ କରିବା ପାଇଁ ଯେଉଁ ଅପପ୍ରୟାସ କରିଛନ୍ତି ସେମାନଙ୍କର ସମସ୍ତ ମିଛ ସଂଗଠନର କାଗଜପତ୍ର, ମିଥ୍ୟା ଚିଠି ବୁଲାଇ ପିଲାମାନଙ୍କଠାରୁ ୨୦୨୩ ମସିହାରେ କରିଥିବା ଆତ୍ମସାତ୍ ଓ ଅନ୍ୟାନ୍ୟ ଜାଲିଆତି ବାବଦରେ ମନ୍ତ୍ରୀ ପଞ୍ଚାୟତିରାଜ ମହୋଦୟଙ୍କୁ ଗତକାଲି ସଂଘ ତରଫରୁ ସ୍ପଷ୍ଟ ଭାବେ ବିଭିନ୍ନ ପ୍ରମାଣ ସହିତ ଜଣାଇ ଦିଆଯାଇଛି ବୋଲି ଶ୍ରୀ ଠାକୁର ଗଣମାଧ୍ୟମକୁ ଏକ ଲିଖିତ ପ୍ରେସ୍‌ନୋଟ୍ ଜରିଆରେ ସ୍ପଷ୍ଟ କରିଛନ୍ତି । ଏହି ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶ ରାଜ୍ୟ ଶ୍ରମ ବିଭାଗ ଦ୍ୱାରା ପଞ୍ଜିକୃତ ଏକ ସ୍ୱତନ୍ତ୍ର ସଂଘ ଅଟେ। ଏହା ତାହାର ନୀତିନିୟମ ଓ ଧାରା ପ୍ରଧାରା ଆଧାରରେ କାର୍ଯ୍ୟ କରୁଛି ।

## ଜଙ୍ଗଲ ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଜଙ୍ଗଲ ହେଉଛି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି। ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନ କରେ। ଫରେଷ୍ଟ କଭରରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଂଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ଅନ୍ୟତମ। ୨୦୨୫ରୁ ୨୦୭୦, ଅର୍ଥାତ ଆସନ୍ତା ୪୫ ବର୍ଷ ମଧ୍ୟରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଙ୍ଘ, ସମ୍ବଲପୁର ଜୋନ୍ ର ସାଧାରଣ ପରିଷଦ ବୈଠକରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାରେ ବର୍ତ୍ତମାନର ବ୍ୟବସ୍ଥା ଶୀର୍ଷକ ଆଲୋଚନାଚକ୍ର ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ୧୯ଟି ଅଭୟାରଣ୍ୟ ଭିତରୁ ୪ଟି ରହିଛି ସମ୍ବଲପୁର ଅଂଚଳରେ। ତେଣୁ ଏ ଅଂଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ, ଏସବୁ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କେବଳ ପରିବେଶ ପାଇଁ ଅନୁକୂଳ ନୁହେଁ, ଏହା ମଧ୍ୟ ରୋଜଗାରର ଏକ ବଡ଼ ମାଧ୍ୟମ। ଆମ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ।

ଜଙ୍ଗଲ ଭିତରେ ରହିଥିବା ଜଳାଶୟଗୁଡ଼ିକର ବିକାଶ, ଜଙ୍ଗଲ ଜମିର ଅଧିକାର, ପେସା ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ଆଦି ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ। ସେହିପରି ପରିବର୍ତ୍ତିତ ବିଶ୍ୱରେ ନୂତନ ଟେକ୍ନୋଲଜି ସହାୟତାରେ ଆମ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ମଧ୍ୟ ଆବଶ୍ୟକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୭୦ ସୁଦ୍ଧା ଭାରତକୁ କାର୍ବନ ଏମିଶନ କ୍ଷେତ୍ରରେ ନେଟ୍ ଜିରୋ କରିବାର ସଂକଳ୍ପ ଆମେ ନେଇଛୁ ଏବଂ ମିଶନ 'ଲାଇଫ'ର ପରକଳ୍ପନା ସାଙ୍ଗକୁ ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ 'ଏକ୍ ପେଡ୍ ମାଆ କେ ନାମ୍' ଅଭିଯାନର ଶୁଭାରମ୍ଭ ମଧ୍ୟ କରିଛନ୍ତି ବୋଲି ସେ କହିଛନ୍ତି।

ଓଡ଼ିଶାର ୮ହଜାରରୁ ଅଧିକ ନନ୍-ଗେଜେଟେଡ୍ ବନ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟବୋଧ ପାଇଁ ଓଡ଼ିଶାର ଜୈବ-ବିବିଧତା ସନ୍ତୁଳିତ ହୋଇ ରହିଛି। କେବଳ ରାଜଧାନୀ ଭୁବନେଶ୍ୱରରେ ବିକାଶ କଲେ ଓଡ଼ିଶାର ବିକାଶ ହେବନାହିଁ। ବିକାଶର ସୁଫଳ ରାଜ୍ୟର ସମସ୍ତ ଅଂଚଳରେ ପହଂଚିବା ଦରକାର। ଆମର ସତତ ବିକାଶ ଲକ୍ଷ୍ୟ ସବୁକୁ ହାସଲ କରିବା ଦିଗରେ ଜଙ୍ଗଲ ସମ୍ପଦ ବିଶେଷ ସହାୟକ ହେବ। ଆମେ ନୂଆ ଟେକ୍ନୋଲଜିର ବ୍ୟବହାର କରି ତଥା ଆମ ବନ କର୍ମଚାରୀ ମାନଙ୍କୁ ସଶକ୍ତ କରି ଓଡ଼ିଶାକୁ ଦେଶର ଏକ ନମ୍ବର ଫରେଷ୍ଟ ଫୋର୍ସ ଭାବେ ପ୍ରସ୍ତୁତ କରିପାରିବା, ଯାହାଦ୍ୱାରା ୨୦୪୭ ସୁଦ୍ଧା ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ।

## କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ




**ଭୁବନେଶ୍ୱର,୧୬।୧୨ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ୧୩ ତାରିଖରୁ ଚାଲିଥିବା ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲିଉଡ୍ ଅଭିନେତା ଅମିତ ଶିଆଲ୍ ସିନେମା ଓ ସଂସ୍କୃତିର ବିକାଶର କିଟ୍‌ର ଭୂମିକାକୁ ପ୍ରଶଂସା କରିଥିଲେ। ସେ କହିଲେ ଭାରତର ପରମ୍ପରା ଓ ସଂସ୍କୃତି ସମୃଦ୍ଧ। ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି। ଏସବୁ ସତ୍ତ୍ୱେ ଆମେ ଏକାଠି ମିଶି ଆଗେଇ ପାରିଛୁ। ଆମର ସଂସ୍କୃତି ଓ ପରମ୍ପରାକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ ପ୍ରସଙ୍ଗରେ ସେ କହିଲେ ଭଲ କାହାଣୀ ମିଳିଲେ ସେ ଓଡ଼ିଆ ଚଳଚ୍ଚିତ୍ର କରିବାକୁ ଆଗ୍ରହୀ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ଅନ୍ୟତମ ଅତିଥି ରାଜ ସାଣ୍ଡିଆଲ୍ କିଟ୍ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବକୁ ଆସି ବେଶ ଖୁସି ଅନୁଭବ କରୁଛନ୍ତି ବୋଲି କହିଥିଲେ। ବିଶେଷ କରି କିଟ୍ ଓ କିସ୍‌ରେ ଜଣେ ସାଧାରଣ ମଣିଷରୁ ଅସାଧାରଣ ମଣିଷ ହେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ସୁଯୋଗ ରହିଛି। ଏଠାକୁ ଆସି ଏକ ସକରାତ୍ମକ ଶକ୍ତି ଅନୁଭବ କରିପାରୁଛି ବୋଲି ସେ କହିଥିଲେ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ଓ ଥିଏଟର ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର କହିଲେ, ଏକ କାହାଣୀରୁ ଚଳଚ୍ଚିତ୍ର ତିଆରି ହୋଇପାରେ କିନ୍ତୁ ଗୋଟିଏ ଚଳଚ୍ଚିତ୍ର ଏକ କାହାଣୀ ହୋଇ ନ ପାରେ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ, ଯଦୁମଣି ଦତ୍ତା, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଫିଲ୍ମ, ଫେସନ ଓ ମିଡ଼ିଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବରେ ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ ଆଦି ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ସାମ୍ପ୍ରଦାୟିକ ସଦ୍‌ଭାବନା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ବିଭିନ୍ନତା ଭିତରେ ଏକତା ଭାରତର ବଳ। ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ମନରେ ସଦ୍‌ଭାବନା ରହିବା ଆବଶ୍ୟକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଘୃଣାର ବିନାଶ କରି ମାନବିକତାର ପ୍ରଚାର କରିବା ଆବଶ୍ୟକ। ସଦ୍‌ଭାବନା ମଞ୍ଚ ତରଫରୁ ଲୋହିଆ ଏକାଡେମୀ ପରିସରରେ ଆୟୋଜିତ "ସଭ୍ୟ ସମାଜର ସ୍ଥାପନ ପାଇଁ ସାମ୍ପ୍ରଦାୟିକ ସଦ୍‌ଭାବନାର ମହତ୍ୱ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜାତି, ଧର୍ମର ଜନସାଧାରଣ ଯୋଗଦେଇ ଭାଇଚାରାର ବଜାୟ ରଖିବା ପାଇଁ ପ୍ରତିଜ୍ଞା କରିଥିଲେ। ସଦ୍‌ଭାବନା ମଞ୍ଚର ଆବାହକ ସଫଦର୍ ହାସିମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମାନସ ଜେନା, ଜମିଏତ୍ ଇସଲାମେ ହିନ୍ଦ୍‌ର ସହସମ୍ପାଦକ ୱାରିସ୍ ହାସନ୍, ଜମିଏତ୍ ଇସଲାମେ ହିନ୍ଦ୍ ଓଡ଼ିଶାର ନିର୍ଦ୍ଦେଶକ ଏକବାଲ୍ ମୁଲ୍ଲା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅବତାର ସିଂ ଭୂର୍ଜି, ମାନା, ଜେ.ଏମ୍. ପ୍ରମୁଖ ଯୋଗଦେଇଥିଲେ।

## ବିଜେବି ଫ୍ରେଣ୍ଡ୍‌ସର ବାର୍ଷିକ ବନ୍ଧୁ ମିଳନ




**ଭୁବନେଶ୍ୱର,୧୬।୧୨ (ମହାଭାରତ):** ବିଜେବି କଲେଜ ପୁରାତନ ଛାତ୍ର ସଂଘ ବିଜେବି ଫ୍ରେଣ୍ଡସର ବାର୍ଷିକ ବନ୍ଧୁ ମିଳନ ବିଜେବି କଲେଜ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି। ରବିବାର ସକାଳେ ବକ୍ସି ଜ୍ୟୋତି କଲେଜ ପ୍ରାଙ୍ଗଣରେ ପହଞ୍ଚିବା ପରେ ବକ୍ସି ଜଗବନ୍ଧୁ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତତ୍ପରେ ଉପସ୍ଥିତ ପୂରାତନ ଛାତ୍ର ତଥା ଆଇନ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଟି. ରବିଶଙ୍କର, ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଓ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା।

ପ୍ରାରମ୍ଭରେ ସଙ୍ଘର ସଭାପତି ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସମ୍ପାଦକ ସତ୍ୟବ୍ରତ ଧୂପାଳ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବିଜେବି କଲେଜର ଅଧ୍ୟକ୍ଷା ଡ଼କ୍ଟର ଇତିଶ୍ରୀ ପାଢ଼ୀ ମଧ୍ୟ ତାଙ୍କ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ଆଇନ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥୀବିରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ଟି. ରବିଶଙ୍କର, ଶୌର୍ଯ୍ୟ ଚକ୍ର ବିଜେତା କ୍ୟାପଟେନ ପ୍ରିୟଦର୍ଶୀ ଚୌଧୁରୀ ଓ ବରିଷ୍ଠ କ୍ରୀଡା ସାମ୍ବାଦିକ ଦିଗବିଜୟ ସିଂହଦେଓଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏଥିସହିତ ଚଳିତ ବର୍ଷ ବିଜେବି କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବାଧିକ ମାର୍କ ରଖିଥିବା କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅଲ ରାଉଣ୍ଡର ଭାବେ ଛାତ୍ରୀ ଶ୍ରାବଣୀ ସାମନ୍ତରାୟ ଓ ତପସ୍ୱିନୀ ଦାସଙ୍କୁ ଖଣ୍ଡପଡା ଟ୍ରଫି ପ୍ରଦାନ କରାଯାଇଥିଲା। ଗତ ନଭେମ୍ବର ୩୦ ତାରିଖରେ ଆୟୋଜିତ ହୋଇଥିବା ଆନ୍ତଃ କଲେଜ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଙ୍ଘର ସ୍ମରଣିକା ଶୋଭେନିୟର-୨୦୨୪ ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ବିଜେବି ଫ୍ରେଣ୍ଡସ ର ଉପ ସଭାପତି ରାଜ କିଶୋର ଚୌଧୁରୀ, ଶ୍ୟାମସୁନ୍ଦର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କେଦାର ପଟ୍ଟନାୟକ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ହାରୁନ ରଶିଦ ଖାଁ, ଶିବାନନ୍ଦ ରାୟ, ଚିତ୍ରା କାନୁନଗୋ, ଶୁଭଦର୍ଶିନୀ ମିଶ୍ର, ସଂପ୍ରିତି ପଣ୍ଡା, ନମିତା ପଟନାୟକ, ପିଙ୍କି ପ୍ରଧାନ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ପୁଣି ଥରେ କଲେଜର ସେଇ ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିଥିଲେ।

## ପୂର୍ବତଟ ରେଳବାଇରୁ ୱାଲଟିୟର ଡିଭିଜନ୍ ଅଲଗା ପ୍ରତିବାଦରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ପୂର୍ବତଟ ରେଳ ଜୋନ୍‌ରୁ ୱାଲଟିୟର ଡିଭିଜନକୁ ଅଲଗା କରି ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରିବାର ପ୍ରତିବାଦରେ ମାନ୍ୟବର ରାଜ୍ୟପାଳ ରଘୁବର ଦାସଙ୍କୁ ଆଜି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଏକ ତିନିଜଣିଆ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। 'ପରିଷଦ'ର ଆବାହକ ରବି ବେହେରାଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ରେଳବାଇ ଅଫିସର ନିରାକାର ଦାସ ଓ ଯୁବନେତା ନାରାୟଣ ଡାଲୁଆଙ୍କ ଦସ୍ତଖତ ସମ୍ବଳିତର ଏହି ସ୍ମାରକପତ୍ରରେ ଏହାକୁ ବିରୋଧ କରାଯିବା ସଂଗେସଂଗେ ଏହାଦ୍ୱାରା କେବଳ ପୂର୍ବତଟ ରେଳବାଇ କ୍ଷତିଗ୍ରସ୍ତ ହେବ ତାହା ନୁହେଁ, ଓଡ଼ିଶାର ବିକାଶା ମଧ୍ୟ ବାଧାପ୍ରାପ୍ତ ହେବ ବୋଲି କୁହାଯାଇଛି। ନିଜେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିଲାବେଳେ ପୂର୍ବତନ ରେଳ ଜୋନ୍‌କୁ ଖଣ୍ଡବିଖଣ୍ଡିତ କରାଯିବାର ଦୁର୍ଭାଗ୍ୟଜନ ବୋଲି ଏହି ସ୍ମାରକପତ୍ରରେ ଦର୍ଶାଯାଇଛି । କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରତିଶ୍ରୁତି ଦେଇଥିବା ଗଞ୍ଜାମ ଜିଲ୍ଲାର ଶୀତଳାପଲ୍ଲୀ ରେଳଡବା କାରଖାନା ଓ କଳାହାଣ୍ଡି ଜିଲ୍ଲାର ନର୍ଲାଠାରେ ହେବାକୁ ଥିବା ରେଳବାଇ ୱାସିଂ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ ଘୋଷଣାରେ ରହିଗଲା। ଖାଲି କିଛି ଅନୁଦାନ ବୃଦ୍ଧି କରି ଓଡ଼ିଶାକୁ ଶ୍ରୀହୀନ କରିବା ଓ ଏହାର ପ୍ରଗତିର କଣ୍ଠରୋଧ କରିବାର ଷଡ଼ଯନ୍ତ୍ରକୁ ଓଡ଼ିଶାବାସୀ ବରଦାସ୍ତ କରିବେ ନାହିଁ।

## ଅକ୍ଷୟ ଶକ୍ତି ଉତ୍ସ, ବ୍ୟବହାର ଓ ସୁଯୋଗ ଆଲୋଚନା

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଦେଶର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଜାତୀୟ ଉତ୍କର୍ଷତା ସମ୍ମାନ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୧୭ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋଇଥିବା ଏହି ସମ୍ମାନ ସମାରୋହରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷମାନଙ୍କୁ ସୂର୍ଯ୍ୟକ୍ଷେତ୍ର ଜାତୀୟ ଉତ୍କର୍ଷତା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ 'ଅକ୍ଷୟ ଶକ୍ତି : ଉତ୍ସ, ବ୍ୟବହାର ଓ ସୁଯୋଗ' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସାରା ବିଶ୍ୱରେ ଆଗାମୀ ଦିନରେ ଦେଖା ଦେଉଥିବା ଶକ୍ତି ସଙ୍କଟର ମୁକାବିଲା ପାଇଁ କିଭଳି ଅକ୍ଷୟ ଶକ୍ତି ଏକ ବିକଳ୍ପ ଭାବେ ଉଭା ହୋଇଛି ସେ ବିଷୟରେ ଆଲୋଚନା ହୋଇଥିଲା। ଏହାର ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଇବା ସହ ଆଗାମୀ ଦିନରେ ଏକ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ହାତକୁ ନେବାକୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଉଦ୍ୟମ କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଦେଶର ଜଣାଶୁଣା ସମାଜସେବୀ ଡ. ବିପିନ ବିହାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦିକା ଡ. ସୁକାନ୍ତି ମିଶ୍ର। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଏକାମ୍ର ମାନ୍ୟବର ବିଧାୟକ ବାବୁ ସିଂ କହିଲେ ଯେ, ଶକ୍ତି ସଙ୍କଟ ଓ ଏହାର ସମାଧାନ କ୍ଷେତ୍ରରେ ଏଭଳି ସଚେତନତାଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଭଳି ଅନୁଷ୍ଠାନମାନେ ସମାଜର ପ୍ରକୃତ ହିତରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସୁଛନ୍ତି। ଏଥିସହିତ ଶ୍ରେଷ୍ଠ ବ୍ୟକ୍ତିତ୍ୱ ଓ ଅନୁଷ୍ଠାନମାନଙ୍କୁ ଜାତୀୟ ଉତ୍କର୍ଷତା ସମ୍ମାନରେ ସମ୍ମାନିତ କରି ଏକ ନିଆରା ପରମ୍ପରା ସୃଷ୍ଟି କରୁଛନ୍ତି ଯାହା ବାସ୍ତବରେ ଧନ୍ୟବାଦଯୋଗ୍ୟ। ଅନୁଷ୍ଠାନର ଆଗାମୀ ଦିନର ପଦକ୍ଷେପକୁ ସେ ସମର୍ଥନ କରିବା ସହ ଅନ୍ୟମାନେ ମଧ୍ୟ ଏଭଳି କାମ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

## ପ୍ରବାସୀ ଭାରତୀୟ ସମ୍ମିଳନୀକୁ ବିରୋଧ

**ଭୁବନେଶ୍ୱର,୧୬।୧୨ (ମହାଭାରତ):** ଆଗାମୀ ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ହେବାକୁ ଥିବା ପ୍ରବାସୀ ଭାରତୀୟ ମାନଙ୍କର ଜାତୀୟ ସମ୍ମିଳନୀକୁ ପ୍ରବାସୀ ଶ୍ରମିକ ସଂଗଠନ ଓ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଡାକିବା ପାଇଁ ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି ଡ. ରାମଚନ୍ଦ୍ର ଖୁଂଟିଆଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟରେ ପ୍ରଦେଶ ଓ ଜିଲ୍ଲା କର୍ମକର୍ତାମାନଙ୍କର ଏକ ବୈଠକରେ ଦାବୀ କରାଯାଇଛି। ଏନ୍.ଆର.ଆଇ ମାନଙ୍କ ସହିତ ଭାରତ ବାହାରେ ପ୍ରାୟ ୩ କୋଟିରୁ ଅଧିକ ଶ୍ରମିକ କର୍ମଚାରୀ କାମ କରୁଛନ୍ତି। ଆମ ଦେଶ ଭିତରେ ୧୩ କୋଟି ଶ୍ରମିକ ବିଭିନ୍ନ ରାଜ୍ୟରେ କାମ କରୁଛନ୍ତି ଏବଂ ୨୦୨୪ ମସିହାରେ ପ୍ରବାସୀ ଭାରତୀୟ ମାନଙ୍କ ଠାରୁ ପ୍ରାୟ ୧୧୧ ବିଲିୟନ ୟୁଏସ ଡଲାର ବିଦେଶି ମୁଦ୍ରା ଆମଦାନୀ ହେଉଅଛି।

# ଆଶ୍ଚର୍ଯ୍ୟଜନକ ନିରବତା

ଶେଖ ହାସିନା ଜଣେ ଗଣତାନ୍ତ୍ରିକ ଚିନ୍ତାଧାରା ସମ୍ପନ୍ନ ନେତ୍ରୀ, ଧର୍ମନିରପେକ୍ଷ ଏବଂ ଭାରତ ସପକ୍ଷବାଦୀ ଥିଲେ। ତାଙ୍କ ଶାସନ କାଳରେ ଦେଶରେ ଭାରତ ବିରୋଧୀ ଶକ୍ତି ଏବଂ ମୌଳବାଦୀମାନେ ମୁଣ୍ଡ ଟେକି ପାରୁନଥିଲେ। ପାକିସ୍ତାନ, ଚୀନର ଷଡ଼ଯନ୍ତ୍ର ସଫଳ ହୋଇପାରୁନଥିଲା। ତେଣୁ ତାଙ୍କୁ ଶୀଘ୍ର କିପରି କ୍ଷମତାରୁ ବିଦା କରାଯିବ ସେଥିଲାଗି ଉଦ୍ୟମ କରାଗଲା। ଶେଷରେ ସେମାନଙ୍କ ଷଡ଼ଯନ୍ତ୍ର ସଫଳ ହେଲା। ହାସିନା ଦେଶ ଛାଡ଼ି ଚାଲିଯିବା ପରେ ଏବେ ବାଂଲାଦେଶରେ ଅରାଜକତା ଦେଖା ଦେଇଛି। ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଯାଉଛି। ଅନେକ ହତ୍ୟାର ଶିକାର ହେଲେଣି। ଦେଶରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହେଉଛି। ଅତ୍ୟାଚାର ସହିନପାରି ହିନ୍ଦୁମାନେ ଯେପରି ଦେଶ ଛାଡ଼ି ପଳାଇବେ ସେଥିଲାଗି ପ୍ରୟାସ କରାଯାଉଛି। ଏବେ ବାଂଲାଦେଶକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପରିବର୍ତ୍ତେ ଏକ ଇସଲାମିକ ରାଷ୍ଟ୍ରର ମାନ୍ୟତା ଦେବାକୁ ବିଚାର କରାଯାଉଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳିନ ସରକାରର କିଛି କର୍ତ୍ତୃତ୍ୱ ନାହିଁ। ମହମ୍ମଦ ୟୁନୁସ ଜଣେ ସଖି କଣ୍ଢେଇ ଶାସକ। ସେନା ନିୟନ୍ତ୍ରଣରେ ସେ ରହିଛନ୍ତି। ଏହାର ସୁଯୋଗ ନେଇ ମୌଳବାଦୀ, ଭାରତ ବିରୋଧୀ ଶକ୍ତିମାନେ ସକ୍ରିୟ ହୋଇ ଉଠିଛନ୍ତି। କିଛି ଦିନ ତଳେ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଇସ୍କନର ମୁଖ୍ୟ କୃଷ୍ଣଦାସ ବ୍ରହ୍ମଚାରୀଙ୍କୁ ଦେଶ ଦ୍ରୋହ ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଅଭିଯୋଗର କୌଣସି ପ୍ରାଥମିକ ପ୍ରମାଣ ନାହିଁ। ଏହା ସତ୍ତ୍ୱେ କୋର୍ଟରୁ ତାଙ୍କୁ ଜାମିନ ମିଳିଲାନି। ଇସ୍କନ ଭଳି ଏକ ସଂସ୍ଥା କେବେ କୌଣସି ଷଡ଼ଯନ୍ତ୍ରରେ ଲିପ୍ତ ନଥାଏ। କେବଳ କୃଷ୍ଣ ଚେତନାର ପ୍ରଚାର ପ୍ରସାର ହେଉଛି ଏହାର ଏକମାତ୍ର କାର୍ଯ୍ୟ। କୌଣସି ଷଡ଼ଯନ୍ତ୍ରରେ ଏହା ଲିପ୍ତ ନଥାଏ। ବାଂଲାଦେଶ ହାଇକୋର୍ଟରେ ଦେଶରେ ଇସ୍କନକୁ ବ୍ୟାନ କରିବା ନିମନ୍ତେ ଏକ ପିଟିସନ ଦାଖଲ ହୋଇଥିଲା। ଏହାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଅଭିଯୋଗର ପ୍ରମାଣ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ଏକ ଅତି ସାଂଘାତିକ ପ୍ରସଙ୍ଗ। ବାଂଲାଦେଶକୁ ଆଉ ଏକ ପାକିସ୍ତାନ ବା ଆଫଗାନିସ୍ତାନରେ ରୂପାନ୍ତରଣ ପାଇଁ ଉଦ୍ୟମ ହେଉଛି। ପାକିସ୍ତାନ ଓ ଆଫଗାନିସ୍ତାନକୁ ଯେପରି ଯୋଜନାବଦ୍ଧ ଉପାୟରେ ହିନ୍ଦୁ ଶୂନ୍ୟ କରାଗଲା ବାଂଲାଦେଶକୁ ମଧ୍ୟ ଅନୁରୂପ ଭାବେ ହିନ୍ଦୁମୁକ୍ତ କରିବାକୁ ପ୍ରୟାସ କରାଯାଉଛି। ବାଂଲାଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତି ନେଇ ଅନେକ ଦେଶ ଉଦବେଗ ପ୍ରକାଶ କରିଛନ୍ତି। କିନ୍ତୁ ଭାରତରେ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା, ମଣିପୁର ହିଂସା ନେଇ ବଡ଼ ପାଟି କରୁଥିବା ବ୍ୟକ୍ତି ବା ସଙ୍ଗଠନ ମାନେ ଆଶ୍ଚର୍ଯ୍ୟଜନକ ଭାବେ ନିରବତା ଅବଲମ୍ବନ କରୁଛନ୍ତି। ଏହାକୁ କହନ୍ତି ମିଛ ଧର୍ମନିରପେକ୍ଷତା। ବାଂଲାଦେଶ ପରିସ୍ଥିତି ନେଇ ଗ୍ରେଟା ଥନବର୍ଗ ଆଜି ପର୍ଯ୍ୟନ୍ତ କାହିଁକି ମୁହଁ ଖୋଲି ନାହାଁନ୍ତି ? ମଣିପୁର ପରିସ୍ଥିତି ନେଇ ପ୍ରତିକ୍ରିୟାଶୀଳ ହୋଇଥିବା ୟୁରୋପୀୟ ରାଷ୍ଟ୍ରସଂଘରେ ବାଂଲାଦେଶ ହିଂସାକୁ କାହିଁକି ନିନ୍ଦା କରାଯାଉନି ? କାରଣ ହେଲା ଭାରତର ବିକାଶ ଏବଂ ସମ୍ମାନ ନେଇ ଅସହିଷ୍ଣୁତା। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାରକୁ ବଦନାମ କରିବା ଏବଂ କ୍ଷମତାଚ୍ୟୁତ କରିବା ପାଇଁ ବରାବର ଷଡ଼ଯନ୍ତ୍ର ଚାଲିଛି। ଏପରିକି ଷଡ଼ଯନ୍ତ୍ରକାରୀମାନେ ଭାରତରେ କୋଭିଡ ମହାମାରୀରେ ଯେପରି ବହୁ ସଂଖ୍ୟାରେ ଆକ୍ରାନ୍ତ ହେବେ ଏବଂ ପ୍ରାଣ ହରାଇବେ ଥିପାଇଁ ମଧ୍ୟ ଉଦ୍ୟମ କରାଯାଉଥିଲା।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?

॥ ଗୋପାଳ ମହାପାତ୍ର ॥

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି। ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ୍ୟ କହୁନାହାଁନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ । ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି) ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି । ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି । ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି । ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି । ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ୍ୟ ବିକ୍ରି କରାଯାଉଅଛି । ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ । କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି । ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ । ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି । ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧ୍ୟମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି । ପ୍ରଚାର ଓ ବିଜ୍ଞାପନ କାରଣରୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି। ମଧ୍ୟମବର୍ଗର ଲୋକମାନେ ମଧ୍ୟ ଏହାକୁ ଆପଣେଇ ନେଲେଣି । ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ । କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା । ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି । ନିଜେ ସରକାର ମଧ୍ୟ ରେଳ ନୀର, ଓ୍ୱାର୍ଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି । ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ୍ୟ କରୁଛନ୍ତି ।



ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ । ମିନେରାଲ୍ ଓ୍ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ ର ବ୍ୟବହାର କରାଯାଏ । ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ । ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃସ୍ପ୍ରଭାବ ଦେଖାଇଥାଏ । ଏଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଣ୍ଟିମନିର ମାତ୍ରା ସେତିକି ବଢିବ । ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ । ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି। ବୋତଲ ପାଣିର ପ୍ରଥା କ୍ଷତିକାରକ । ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି । କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି। ସେନ୍ ଫ୍ରାନ୍‌ସିସ୍କୋ ରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି । ସଲ୍ଟଲେକ୍ ସିଟିରେ ମଧ୍ୟ ଏହାର ବିକ୍ରି ନିଷିଦ୍ଧ । ପ୍ରକୃତ କଥା ହେଉଛି, ପ୍ରକୃତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ । ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ । ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା । ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ୍ୟ କମିଯାଆନ୍ତା । କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ । ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି । ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି । କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?

ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।


ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ୍ୟ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ





ବଡଚଣା, (ନିପ୍ର): ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ମୋ ସ୍କୁଲ ଅଭିଯାନର ସଭାପତି ଉମେଶ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ । ଆସନ୍ତା ନୂଆବର୍ଷ ଜାନୁୟାରୀ ମାସରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଶିକ୍ଷକ ବିଜୟ କୁମାର ଜେନା ପ୍ରଦାନ କରିଥିବା ବେଳେ କବି ହିମାଂଶୁ ଭୂଷଣ ଜେନା ବିସ୍ତୃତ ବିବରଣୀ ରଖିଥିଲେ । ମୋ ସ୍କୁଲ ଅଭିଯାନର ଆବାହକ ଦୀପକ କୁମାର ଦାଶ, ପୁରାତନ ଛାତ୍ର ପଣ୍ଡିତ ସୁଧୀର କୁମାର ସେନାପତି, ବିକାଶ କୁମାର ସେନାପତି, ସତ୍ୟ ରଞ୍ଜନ ସେନାପତି, ଦେବଦତ୍ତ ମହାନ୍ତି, ଦେବଦତ୍ତ ତରାଇ, ଲକ୍ଷ୍ମଣ ତରାଇ, ସୁଶାନ୍ତ ସେନାପତି, ବିଶ୍ୱଜିତ ମଲ୍ଲିକ, ବୀରେନ ପରମାଣିକ, ବୁଲୁ ମଲ୍ଲିକ, ଚନ୍ଦ୍ରଶେଖର ଜେନା, ରାଜେଶ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ଗଠନମୂଳକ ମତାମତ ରଖିଥିଲେ । ଆସନ୍ତା ଜାନୁୟାରୀ ମାସରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପଣ୍ଡିତ ସୁଧୀର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଲୋକଦାଲତରେ ପରିବାର ୫ଟି ପରବାରିକ ମାମଲା ଫଇସଲା

ରାୟଗଡ,(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍‌ଙ୍କ ତତ୍ତ୍ୱାଧାନରେ ପରିଚାଳିତ ୪ର୍ଥ ଜାତୀୟ ଲୋକ ଅଦାଲତ ଅବସରରେ ରାୟଗଡ଼ ପରିବାର ଅଦାଲତ ତରଫରୁ ଦୀର୍ଘଦିନ ଧରି ଚାଲି ଆସୁଥିବା ସମୁଦାୟ ୫ଗୋଟି ପାରିବାରିକ ମାମଲା ସମାଧାନ ହୋଇପାରିଛି, ତନ୍ମଧ୍ୟରୁ ୪ଟି ଭରଣ ପୋଷଣ ମକଦ୍ଦମା ହୋଇଥିବା ବେଳେ ଅନ୍ୟ ୧ଟି ଦେୱାନି ମକଦ୍ଦମା । ଉଲ୍ଲେଖନିୟ ଯେ ଉକ୍ତ ଲୋକ ଅଦାଲତ ରେ, ପରିବାର ଅଦାଲତ ବିଚାରପତି ଶ୍ରୀ ସଂଜିତ୍ କୁମାର ବେହେରା ଏବଂ କାଉନସିଲର ଆଶା ଆକାଶ ଗୁରୁଙ୍କ ଉଦ୍ୟମ ଯୋଗୁଁ ବହୁ ଦିନରୁ ପାରିବାରିକ ସମସ୍ୟା ପାଇଁ ଅଲଗା ହୋଇ ରହୁଥିବା ଦୁଇଟି ଦମ୍ପତିଙ୍କର ମିଳାମିଶା ହୋଇପାରିଛି । ପ୍ରକାଶ ଥାଉକି ଉକ୍ତ ଲୋକ ଅଦାଲତରେ ବକେୟା ଭରଣ ପୋଷଣ ବାବଦକୁ ସମୁଦାୟ ୨,୫୩,୭୫୮/- ଦୁଇ ଲକ୍ଷ ତେପନ ହଜାର ସାତଶହ ଅଠାବନ ଟଙ୍କା ବିଭିନ୍ନ ଆବେଦନକାରୀ ଅପର ପକ୍ଷ ଠାରୁ ପାଇଥିଲେ ।

## ଉଲୁଣ୍ଡା ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ରକ୍ତ ଦାନ ଶିବିର



ସୁବର୍ଣ୍ଣପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମାରୱାଡି ଯୁବା ମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଅଲ ଓଡିଶା ମାରୱାଡି ଯୁବା ମଞ୍ଚର ଆହ୍ୱାନ କ୍ରମେ ୧୫ ଡିସେମ୍ବରରୁ ୨୨ ଡିସେମ୍ବର ପର୍ଯ୍ୟନ୍ତ ୧୫ ହଯାର ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ ରଖାଯାଇଛି । ଏହି କ୍ରମରେ ଉଲୁଣ୍ଡା ବ୍ଲକ ଶାଖା ଯୁବା ମଞ୍ଚ ପକ୍ଷରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଉଲୁଣ୍ଡା ପଞ୍ଚାୟତ ସମିତି ବିଦ୍ୟାଳୟଠାରେ ଆୟୋଜିତ ଏହି ଶିବିରରେ ବିରମହାରାଜପୁର ଉପଖଣ୍ଡ ଆରକ୍ଷୀ ଆଧିକ୍ଷକ ବାସୁଦେବ ଛତ୍ରୀଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି । ଯୁବା ମଞ୍ଚର ସଭାପତି ପଲଟୁ ସେନ ଅଗ୍ରୱାଲଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରରେ ରକ୍ତଦାନ ଶିବିର ଆୟୋଜନ ରେ ସଂପାଦକ ସୁଧୀର ଅଗ୍ରୱାଲ ଓ କୋଷାଧ୍ୟକ୍ଷ ଆଦର୍ଶ ଅଗ୍ରୱାଲଙ୍କୁ ମୁଖ୍ୟ ଭୂମିକା ନିଭାଇ ଥିଲେ । ଏହି ମହତ କାର୍ଯ୍ୟରେ ଯୋଗ ଦେଇ ନିଜର ସାଧ ମୁତାବକ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଓ ରକ୍ତଦାତା ମାନଙ୍କୁ ଯୁବା ମଂଚ ପକ୍ଷରୁ ଶୁଭେଚ୍ଛା ଧନ୍ୟବାଦ୍ ପ୍ରଦାନ କରାଯାଇଛି ।

## ସତ୍ୟବାଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କଳାପଥର ଠାରେ ବାର୍ଷିକ କ୍ରୀଡା ଉତ୍ସବ



ସୁବର୍ଣ୍ଣପୁର,(ନିପ୍ର): ବିରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାପଥରର ବାର୍ଷିକ କ୍ରୀଡା ନିକଟସ୍ଥ ପଣ୍ଡିଆପାଲିର ଶହିଦ୍ ବିଭିଷଣ ସାହୁ ଖେଳ ପଡିଆରେ ଆୟୋଜିତ ହେଇଯାଇଛି । ଏହି ଅବସରରେ ମାଁ ରାମଚଣ୍ଡିଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଖେଳପଡିଆକୁ ନିଆଯାଇଥିଲା । ଅଧ୍ୟାପକ କିଶୋର କୁମାର ସାହୁ ଉତ୍ସବର ଉଦ୍ଘାଟନ କରିଥିବା ବେଳେ ୧୪ ତାରିଖର ଉଦ୍‌ଯାପନୀ ଉତ୍ସବରେ କଳାପଥରର ସରପଞ୍ଚ ଶ୍ରିମତି ସୁର୍ଯ୍ୟକାନ୍ତି ମେହେର ମୁଖ୍ୟଅତିଥି, ଅନୁଷ୍ଠାନର ପୁର୍ବତନ ସଂପାଦକ ଦାଶରଥି ପଧାନ, ଗିରିଧାରୀ ମହାକୁର, ସମିତିସଭ୍ୟ ଶ୍ରୀ ରବିଷ୍ଚନ୍ଦ୍ର ମହାକୁର୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ଉନ୍ନତି କାମନା କରି ଭବିଷ୍ୟତରେ ଏକ ଖେଳପଡିଆ ଯୋଗାଇଦେବାର ପ୍ରତିଶୃତି ଦେଇଥିଲେ । ଅଧକ୍ଷ ଶ୍ରୀଯୁକ୍ତ ଶ୍ରିକାନ୍ତ ପଧାନ ସଭାପତିତ୍ୱ କରି ଶୃଙ୍ଖଳାଗତ କ୍ରୀଡା ସଦ୍ ଭାବନା ଓ ଏକତା ସୃଷ୍ଟି କରିବାର ଉତ୍କୃଷ୍ଟ ମାଧମ ବୋଲି କହିବା ସହ ଶିକ୍ଷାନୁଷ୍ଠାନର ପ୍ରଥମ ସ୍ତମ୍ଭ ଛାତ୍ରଛାତ୍ରୀ ମାନେ ଚାହିଁଲେ ଓ କଠିନ ପରିଶ୍ରମ ବଳରେ ନିଶ୍ଚିତ ଜଣେ ଶ୍ରେଷ୍ଠ ଖେଳାଳି ହେଇପାରିବେ ବୋଲି କହିଥିଲେ । ଖେଳଶିକ୍ଷକ ଶିବବ୍ରତ କର୍ଣ୍ଣ ଓ ସୁକାନ୍ତ ମହାକୁରଙ୍କ ତତ୍ତ୍ୱାବଧାନରେ ୧୯ ଟି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଛାତ୍ରୀ ବିଭାଗରେ ସଂଗିତା ବରଗର୍ତ୍ତୀ ଓ ଛାତ୍ର ବିଭାଗରେ ପ୍ରିତମ୍ ମେହେର ଏବଂ ସାହିଲ୍ ସେଠୀ ଯୁଗ୍ମ ଭାବରେ ଚମ୍ପିଆନ୍ ହେଇଥିଲେ । ଅଧ୍ୟାପିକା ପ୍ରତିମା ବାରିକ୍ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରୀମତି ଦେବଜାନୀ ମେଶୁଆ, ସଂଜୟ କର୍ଣ୍ଣ, ଶାନ୍ତନୁ ପ୍ରଧାନ, ବସୁଦେବ ରଣା, ବିପିନ କଲ୍ ଡା. ବିଷ୍ଣ ଚରଣ ବେହେରା, ଶଶାଙ୍କ ସୁଆର, ବିଷ୍ଣୁପ୍ରିୟା ମିଶ୍ର, ବ୍ରଜକିଶୋର ମହାକୁର ସହଯୋଗ କରିଥିଲେ ।

## ଡୁଙ୍ଗୁରିପାଲି ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା

ସୁବର୍ଣ୍ଣପୁର,(ନିପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଜବନ୍ଧଠାରେ ଡୁଙ୍ଗୁରିପାଲି ସଂକୁଳ ସ୍ତରୀୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଜୁଲୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ଜୟପ୍ରକାଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ବକ୍ତା ଭାବରେ ମାନନୀୟ ସଂକୁଳ



ପ୍ରମୁଖ ବଳରାମ ପଧାନ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିବା ବେଳେ ସଂକୁଳ ସଂଯୋଜକ ଶ୍ରୀଯୁକ୍ତ ବିଭୂତି ଭୂଷଣ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ୮ଟି ବିଦ୍ୟାଳୟର ୧୭୨ ଜଣ ପ୍ରତିଭାଗୀ ୪୮ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୪ ଜଣ ନିର୍ଣ୍ଣାୟକ ଖେଳ ପରିଚାଳନା କରିଥିଲେ । ଉଦଯାପନୀ ସମାରୋହ କାର୍ଯ୍ୟକ୍ରମରେ ମାନନୀୟ ସଞ୍ଜୟ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଦୀପ ପ୍ରଜ୍ୱଳନ କରିଥିଲେ । ପରିଚାଳନା ସମିତିର ସଂପାଦକ ଶ୍ରୀଯୁକ୍ତ ଡୋଳାମଣି ସେଠ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭାଗୀରଥି ମେହେର, ଯୁଗ୍ମ ସଂପାଦକ ଦିଲ୍ଲିପ ସାହୁ, ସଦସ୍ୟା ଶ୍ରୀମତୀ ସୀମା ପଧାନ, ସଦସ୍ୟା ଶ୍ରୀମତୀ ରେଣୁକା ପଧାନ, ଶ୍ରୀଯୁକ୍ତ ବୃନ୍ଦାବନ ବିଶ୍ୱାଳ ମଞ୍ଚାସୀନ ଥିଲେ । ସଂକୁଳ କ୍ରୀଡା ପ୍ରମୁଖ ମନୋଜ ନାୟକ ବୃତ୍ତ କଥନ କଳାପରେ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଖେଳ ଶିକ୍ଷକ ଅଶ୍ୱିନୀ ନାୟକ, କପିଳେଶ୍ୱର ପାଣ୍ଡେ, ରଞ୍ଜନ ବାରିକ, ସୁବଳ ଦୀପ, ସଚ୍ଚିଦାନନ୍ଦ ଭୋଇ, ସୁଜିତ ଯୋଶୀ, ସୁଶୀଳ ବାଗ, ଥବୀର ସାହୁ, ଜିତେନ୍ଦ୍ର, ସାରଥୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ଭାଇମାନଙ୍କ ମଧ୍ୟରେ କ୍ଷୀରୋଦ୍ର ଓ ଭଉଣୀମାନଙ୍କ ମଧ୍ୟରେ ତାରାନା ପାତ୍ର ଚମ୍ପିୟାନ ହୋଇଥିଲେ ଗୁରୁଜୀ ଲିଙ୍ଗରାଜ ପୁଟେଲ ପ୍ରମାଣ ପତ୍ର ପ୍ରସ୍ତୁତ କରିଥିବା ବେଳେ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭାଗୀରଥି ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଅଂଚଳର ଜନସାଧାରଣ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଛନ୍ତି ।

## ସେବିକା ହାତରେ ଉପଖଣ୍ଡ ଚିକିତ୍ସାଳୟର କ୍ୟାବିନ୍ ଚାବି





ନୀଳଗିରି,(ନିପ୍ର): ଉପଖଣ୍ଡ ଚିକିତ୍ସାଳୟ, ବହୁଲୋକଙ୍କ ଆଶା ଆକାଂକ୍ଷାର ପୁଞ୍ଜିଭୂତ ସ୍ୱପ୍ନ । ଜୀବନମରଣର ଶ୍ରେଷ୍ଠ ଆଶ୍ରୟସ୍ଥଳ । ରୋଗ, ବ୍ୟାଧିର ଶେଷ ଠିକଣା । ଯେଉଁଥିପାଇଁ ଏହାକୁ ଦ୍ୱିତୀୟ ଭଗବାନଙ୍କ ମନ୍ଦିରର ଆଖ୍ୟା ମିଳିଛି । ମାତ୍ର କିଛି ଅସାଧୁ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଏହି ପୁଣ୍ୟଭୂମିର ଆଖ୍ୟା ପାଇଥିବା ମନ୍ଦିର (ଡାକ୍ତରଖାନା) ରେ ଦୁର୍ନୀତି, ବ୍ୟଭିଚାରର ଗନ୍ଧ ବ୍ୟାପିବାକୁ ଲାଗିଛି । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ । ଉକ୍ତ ଚିକିତ୍ସାଳୟଟି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ଏନେଇ ବାରମ୍ବାର ଖବର ପ୍ରସାରିତ ହୋଇଥିବା ବେଳେ ଅଧିକାଂଶ ସମୟରେ ଅଭିଯୋଗ ମଧ୍ୟ ଉଠିଛି । ଏଥିପାଇଁ ନା ସରକାର, ନା ପ୍ରଶାସନ ଦୃଷ୍ଟି ଦେଇଛି । ଏବେ କିଛିଦିନ ହେବ ଜଣେ ସେବିକାଙ୍କ ହାତରେ ରହିଛି ଚିକିତ୍ସାଳୟର କ୍ୟାବିନ ଚାବିକାଠି । ଯାହା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ । ଉକ୍ତ ହସ୍ପିଟାଲ୍ ପରିସରରେ ରୋଗୀ ଏବଂ ସେମାନଙ୍କର ସହକାରୀଙ୍କ ପାଇଁ ନିର୍ମାଣ ହୋଇଛି ୮ଗୋଟି ଦେୟଯୁକ୍ତ କ୍ୟାବିନ୍ । ତନ୍ମଧ୍ୟରୁ ନୀଳଗିରି ଟ୍ରକ ଆସୋସିଏସନ୍ ତରଫରୁ ୫ଗୋଟି କ୍ୟାବିନ୍ ନିର୍ମାଣ ହୋଇଥିବା ବେଳେ, ନୀଳଗିରିର ଠିକାଦାର ଗୋଷ୍ଠୀଙ୍କ ତରଫରୁ ୨ଗୋଟି ଏବଂ ଗୋଟିଏ କ୍ୟାବିନ୍ ତତ୍କାଳୀନ ଅଭିଭାଜିତ ଭଦ୍ରକ ଓ ବାଲେଶ୍ୱର ଚ୍ୟାରିଟେବୁଲ୍ ଟ୍ରଷ୍ଟ ତରଫରୁ ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ ୩ଗୋଟି କ୍ୟାବିନ ଏ.ସି ଯୁକ୍ତ ହୋଇଥିବା ବେଳେ ବାକି ୫ଟି କ୍ୟାବିନ୍ ନନ୍ ଏ.ସି ଅଟେ । ନୀଳଗିରି ଆଇ.ଟି.ଡି.ଏ ଅଞ୍ଚଳ ହୋଇଥିବାରୁ ରୋଗୀଙ୍କ ପାଇଁ ଏ.ସି କ୍ୟାବିନ ଗୁଡିକ ୩ଶହ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ନନ୍ ଏ. ସି ଗୁଡିକ ୨ଶହ ଟଙ୍କା ଧାର୍ଯ୍ୟ ହୋଇ ଯୋଗାଇ ଦିଆଯାଉଛି । ମାତ୍ର ବିଡମ୍ବନାର କାରଣ ଉକ୍ତ କ୍ୟାବିନ ଗୁଡିକର ଦାୟିତ୍ୱ ଏବେ ସୁମି ସିଂ ନାମଧାରୀ ଜଣେ ସେବିକାଙ୍କ ହାତରେ । ଉକ୍ତ ସେବିକା ଜଣକ ହାତରେ ଚାବି ରହିବା ଦିନଠୁଁ ରୋଗୀମାନେ ସଠିକରେ କ୍ୟାବିନ୍ ପାଇପାରୁନଥିବା ବେଳେ ଉକ୍ତ କ୍ୟାବିନର ସଠିକ ରକ୍ଷଣାବେକ୍ଷଣ ହୋଇପାରୁନଥିବା ଅଭିଯୋଗ ଉଠିଛି । ଏହାବାଦ ଆଉ ୪ଟି କ୍ୟାବିନ ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ନିଜ ପିତାମାତାଙ୍କ ସ୍ମୃତିରେ ଉମାଅର୍ଜୁନଙ୍କ ନାମରେ କ୍ୟାବିନ ନିର୍ମାଣ କରି ହସ୍ପିଟାଲକୁ ଦାନ କରିଥିବା ବେଳେ ବର୍ତ୍ତମାନ ଉକ୍ତ କ୍ୟାବିନଗୁଡିକ କିଛି ଅଫିସ କାର୍ଯ୍ୟାଳୟ ହୋଇଥିବା ବେଳେ କିଛି କ୍ୱାଟର ଭାବରେ ବ୍ୟବହାର ହେଉଛି ।ତେବେ ଏଠି ପ୍ରଶ୍ନଉଠେ ଏଭଳି ଏକ ଦାୟିତ୍ୱସମ୍ପନ୍ନ କାର୍ଯ୍ୟପାଇଁ ସେବିକା ଜଣକୁ କିଏ ଚାବି ହସ୍ତାନ୍ତର କଲା । ସଂପୃକ୍ତ କ୍ୟାବିନରୁ ଆସୁଥିବା ଟଙ୍କା ବାଟମାରଣା ହେଉନି ତ ? ଏନେଇ ବିଭାଗୀୟ ଅଧିକାରୀ ଜାଣନ୍ତିତ ? କ୍ୟାବିନର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର । ଏନେଇ ନାନା ସନ୍ଦେହ ଜନସାଧାରଣଙ୍କ ମନରେ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଧିକାରୀ ସଂପୃକ୍ତ ସ୍ୱେବିକାଙ୍କ ଠାରୁ ଚାବି ହସ୍ତାନ୍ତର କରିବାକୁ ଜନସାଧାରଣ ଦାବୀ କରିଛନ୍ତି ।

## ବେଆଇନ କରତ କଳ ଉପରେ ଚଢ଼ାଉ ମୂଲ୍ୟବାନ କାଠ ଜବତ

ବସ୍ତା, (ନିପ୍ର): ବସ୍ତା ଫରେଷ୍ଟ ଅଧିନସ୍ଥ ପୁଡପଡା, ବଡଖୁଡି ଗ୍ରାମ ରେ ଥିବା ବେଆଇନ କରତ କଳ ଉପରେ ବନ ବିଭାଗର ଚଢ଼ାଉ, ଲକ୍ଷା ଧିକ୍ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ । ସୂଚନା ଅନୁସାରେ ଉତ୍ତର ବାଲେଶ୍ୱରର ଚାରି ପ୍ରମୁଖ ବ୍ଲକରେ କାଠ ମାଫିଆ ମାନେ ସକ୍ରିୟ ଥିବା ବେଳେ, ସମିଲ ବସାଇ ଲକ୍ଷା ଧୀକ ଟଙ୍କା ର କାଠ ସବୁ ଗଚ୍ଛିତ ରଖି ନିଜ ନିଜର ସାମ୍ରାଜ୍ୟ ବିସ୍ତାର କରିଆସୁଥିଲେ । ତେବେ ଆଜି ବାଲେଶ୍ୱର ଏସି ଏଫ୍ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନ ରେ ଚାନ୍ଦିପୁର, ଲଙ୍ଗଳେଶ୍ୱର, ଜଳେଶ୍ୱରର ଫରେଷ୍ଟର ଅଧିକାରୀ, ପୋଲିସଙ୍କ ମିଳିତ ସହଯୋଗ ରେ ବସ୍ତା ସର୍କଲରେ ଥିବା ପୁଡପଡା, ବଡଖୁଡି ଗ୍ରାମର ବେଆଇନ କରତ କଳ ଉପରେ ଚଢ଼ାଉ କରି ମେସିନ ସହ କାଠ ସବୁ ଜବତ କରିଥିଲେ ।

## ଗୀତାକ୍ଷେତ୍ରରେ ରାଜ୍ୟ ସ୍ତରୀୟ ଗୀତା ଜୟନ୍ତୀ ସମାରୋହ



ସୁବର୍ଣ୍ଣପୁର,(ନିପ୍ର): ସଦର ବ୍ଲକ ସୁବର୍ଣ୍ଣପୁରର ସତ୍ୟବାବା ପୀଠ ଗୀତା କ୍ଷେତ୍ର ପଣ୍ଡକିଟାଲ, (ଜାମଖୋଲ) ଠାରେ ୫ମ ବାର୍ଷିକ ଉତ୍ସବ ଉପଲକ୍ଷେ ଦୁଇ ଦିନ ଧରି ଗୀତା ଯଜ୍ଞ ଓ ରାଜ୍ୟସ୍ତରୀୟ ଗୀତା ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଗୀତା ଯଜ୍ଞ, ସର୍ବ ମୁଖରେ ଗୀତା ପାଠ, ପ୍ରବଚନ, ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୀତା ପାଠ ପ୍ରତିଯୋଗିତା ଓ ପ୍ରସାଦ ସେବନ ଗୀତା କ୍ଷେତ୍ର ଆଞ୍ଚଳିକ ପରିଚାଳନା କମିଟି ଦ୍ୱାରା ବ୍ୟବସ୍ଥା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବହୁ ସଂଖ୍ୟାରେ ସାଧୁସନ୍ଥ, ବ୍ରାହ୍ମଣ, ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ ସହିତ ନାମ ସଂକୀର୍ତ୍ତନ, ଘଣ୍ଟ ଶଙ୍ଖ ନାଦ ଏହି ପୀଠର ଆଧାତ୍ମିକ ବାତାବରଣକୁ ବହୁଗୁଣିତ କରିଥିଲା । ଏହି ଯଜ୍ଞରେ କର୍ତ୍ତା ଭାବରେ ଅଂଶ ଗ୍ରହଣ କରିଥିଲେ ଜଗନ୍ନାଥ ପୋଢ ଓ ବିଷ୍ଣୁପ୍ରିୟା ପୋଢ, ନୀଳାଚଳ ସେଠୀ ଓ ରଶ୍ମିବାଳା ସେଠି, ସୁନାମତ ନାଏକ ଓ ସତ୍ୟଭାମା, ନିତ୍ୟାନନ୍ଦ କାଣ୍ଡ ଓ ପ୍ରମୋଦିନି କାଣ୍ଡ, ସ୍ୱାଧୀନ ଭୋଇ ଓ କଳ୍ପନା ଭୋଇ, ସୂର୍ଯ୍ୟନାରାୟଣ ସାହୁ ଓ ସିତା ସାହୁ । ଏହି ଜୟନ୍ତୀରେ ସଭାପତି କରମଚାନ୍ଦ ମହାନ୍ତି ସମ୍ପାଦକ ଶୁବ୍ରତ ନାଗ ସହ ସମ୍ପାଦକ କୁଶଳେଶ୍ୱର ପୁଟେଲ ଆବାହକ ଭୁବନେଶ୍ୱର ସାହୁ ଆବାହକ ଚୈତନ୍ୟ ବାଗ କୋଷାଧ୍ୟକ୍ଷ ଶ୍ରୀଧର ନାଏକ ଓ ଆଞ୍ଚଳିକ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଆଞ୍ଚଳିକ ପ୍ରବଚନ ମଣ୍ଡଳୀ ତଥା ଏହି ପୀଠର ପଡ଼ୋଶୀ ଗ୍ରାମର ସମସ୍ତ ଭକ୍ତବୃନ୍ଦ ସହଯୋଗ କରିଥିଲେ । ସେହିପରି 'ଗୀତା କ୍ଷେତ୍ର ରେ ଗୀତା ଆବୃତ୍ତି ପ୍ରତିଯୋଗିତାରେ ସଦର ବ୍ଲକ ସୁବର୍ଣ୍ଣପୁର ଅନ୍ତର୍ଗତ ସତ୍ୟ ବାବା ପୀଠ ଗୀତାକ୍ଷେତ୍ରରେ ଗୀତା ଜୟନ୍ତୀ ପାଳିତ ହୋଇଛି । ଏହି ଉତ୍ସବରେ ଶ୍ରୀମଦ ଭଗବତ ଗୀତା ପ୍ରଚାର କମିଟି ଓଡ଼ିଆର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ପ୍ରଥମେ ଗୀତା ପ୍ରବଚନ କରିଥିଲେ ଓ ପରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍କୁଲରୁ ଆସିଥିବା ୩୪ ଜଣ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ସ୍ଥାନ ମୃଣ୍ମୟୀ ସାହୁ, ଦ୍ୱିତୀୟ ସୁଲଗ୍ନା କଣ୍ଟା, ତୃତୀୟ ମୋନାଲିଶା ମହାପାତ୍ର । ମହନ୍ତ କ୍ଷେତ୍ରବାସୀ ଦାସ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟେ ଅତିଥି ଭାବେ ପଣ୍ଡିତ ପ୍ରଫୁଲ୍ଲ ପଧାନ ଯୋଗ ଦେଇଥିଲେ, ବାଦ୍ୟ ଯନ୍ତ୍ରରେ ଲଳିତ ସେଠୀ ରବି ଦଣ୍ଡସେନା ବୈଶାଖୁ ସାହୁ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳି ଗୁରୁପାଲି । ପଣ୍ଡିତ ଅଭିମନ୍ୟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବହୁ ପଣ୍ଡିତ ଗଣ ଯୋଗ ଦେଇଥିଲେ ।

## ନବନିଯୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂକଳ୍ପ ପ୍ରଶିକ୍ଷଣ କର୍ମଶାଳା ଉଦଯାପିତ

ବରଗଡ଼,(ନିପ୍ର): ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ବରଗଡ଼ରେ ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ ଦକ୍ଷତା, କୌଶଳ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ପଞ୍ଚଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ 'ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ସ୍ଥାନୀୟ ସରକାରୀ



ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶ୍ରୀମତି ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମେହେର ଯୋଗ ଦେଇଥିଲେ । ସାଧନକର୍ମୀ ଭାବରେ ଅଭିଜ୍ଞ ଶିକ୍ଷକ ବୀରେନ୍ଦ୍ର ଦାଶ,ସଞ୍ଜୟ ଖମାରୀ, ଯତୀନ୍ଦ୍ର ମେହେର ଏବଂ ଭୀଷ୍ମଦେବ ପଧାନ ଜାତୀୟ ଶିକ୍ଷାନୀତି - ୨୦୨୦, କ୍ୟାରିୟର କାଉନସେଲିଂ,ଡିଜିଟାଲ କୌଶଳ ଓ ପ୍ରଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ତାଲିମ ପ୍ରଦାନ କରିଥିଲେ ।ଏହି ସଙ୍କଳ୍ପ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅମ୍ବାଭୋନା, ଭଟଲି ଏବଂ ବରଗଡ଼ ବ୍ଲକରେ ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ ।ସଙ୍କଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାସଲ କରିଥିବା ଜ୍ଞାନ ଓ କୌଶଳକୁ ସମସ୍ତ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ ।ସାଧନକର୍ମୀ ଶିକ୍ଷକ ସଞ୍ଜୟ ଖମାରୀ, ବୀରେନ୍ଦ୍ର ଦାଶ ସଂକଳ୍ପ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ ।

### ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

## ଉପବିଭାଗରୁ ୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ପୁରୀ, (ନିପ୍ର) : ପୁରୀ ପୋଲିସ୍ ନୋଡ଼ାଲ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଚଳିତ ବର୍ଷ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ପାଇଁ ଏନ୍‌ସିଇଆର୍‌ଟି ପକ୍ଷରୁ ମୁଖ୍ୟ ବିଷୟବସ୍ତୁ ଭାବେ 'ପୋଷଣୀୟ ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ଓ ୭ଟି ଉପ ବିଷୟବସ୍ତୁ ଯଥା- ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା, ଗାଣିତ୍ୟିକ ମଡେଲିଂ ଓ ଗଣନାକାରୀ ଚିନ୍ତାଧାରା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସମ୍ବଳ ପରିଚାଳନା ଶୀର୍ଷକ ବିଷୟ ଉପରେ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ମଣ୍ଡଳରେ ପୂର୍ବରୁ ବିଭିନ୍ନ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଆୟୋଜନ କରାଯାଇ ଭାଗ ନେଇଥିବା ୧୩୫୦ଟି ବିଦ୍ୟାଳୟରୁ ମୋଟ୍ ୧୬୩୮ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା । ସେହିପରି ୭ଟି ବିଷୟ ଆଧାରରେ ପ୍ରତି ବ୍ଲକରୁ ୭ଟି ପ୍ରକଳ୍ପ, ଏପରି ଜିଲ୍ଲାର ୧୧ ବ୍ଲକରୁ ମୋଟ୍ ୭୭ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ପ୍ରେଣା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁରୀ ସଦର ବିଧାୟକ ସୁନିଲ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର ଏବଂ ପୋଲିସ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ମଧ୍ୟାହ୍ନରେ ଶିକ୍ଷକ ପ୍ରତାପ କୁମାର ରାଉତ ଓ ପ୍ରଦୀପ୍ତ କୁମାର ସ୍ୱାଇଁ ବିଜ୍ଞାନ କୁଇଜ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହେବାକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଗୋପ ବିଇଓ ସୁଶିଲ କୁମାର ବ୍ରହ୍ମା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଭିତିକ ପ୍ରେରଣା ଦେଇଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ ବିବରଣୀ ପାଠ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉଭୟ ଅଧିବେଶନରେ ସଭାପତିତ୍ୱ କରିଥିଲେ । ପୁରୀ ଜିଲ୍ଲାର ପ୍ରାୟ ୫୦ରୁ ଅଧିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମ କରି ଚଳିତ ବର୍ଷ ସ୍ଥାନୀୟ ଅଂଚଳର କଳା, ସଂସ୍କୃତି, ଆର୍ଟ ଓ କ୍ରାଫ୍ଟ ପ୍ରଦର୍ଶନୀ ମୁଖ୍ୟ ଆକର୍ଷଣ ଥିଲା ।

## ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ

**ଛତ୍ରପୁର,(ନି.ପ୍ର):** ଛତ୍ରପୁର ବ୍ଲକ ହରିପୁର ଗ୍ରାମ ସ୍ଥିତ କାଳିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ କାଳିପଲ୍ଲୀ ପରିସରରେ ଶନିବାର ଦିନ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୀତା ରାଣୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଲବ୍ ପକ୍ଷରୁ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟକୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶକ୍ତି ସଂରକ୍ଷଣ କ୍ଲବ ଇନଚାର୍ଜ ତଥା ଶିକ୍ଷକ ସୌରଭ ରଞ୍ଜନ ଘରାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ କ୍ଲବ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଚକ୍ର, ତର୍କ, ବିତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପରିଶେଷରେ ଶକ୍ତି ସଂରକ୍ଷଣ ଦ୍ୱାରା ପରିବେଶ ସନ୍ତୁଳନ ରହିବା ସହ ଆଗାମୀ ପିଢ଼ି ନିମନ୍ତେ ଏକ ଉଜ୍ଜ୍ୱଳ ସମୃଦ୍ଧମୟ



# ମହାଭାରତ ଅଞ୍ଚଳ କଥା



ଆପଣା ମାଟିର କଥା ଓ ବ୍ୟଥା



## ସଂଜୀବ ସଭାପତି ଓ ସତ୍ୟାନନ୍ଦ ସାଧାରଣ ସମ୍ପାଦକ

ରାଉରକେଲା,୧୬/୧୨ (ମହାଭାରତ): ଓଡିଶା ସାମ୍ବାଦିକ ୟୁନିୟନ(ଓୟୁଜେ) ଅନୁବନ୍ଧିତ ସୁନ୍ଦରଗଡ଼ ଜିଲା ସାମ୍ବାଦିକ ୟୁନିୟନ (ର ସାଧାରଣ ପରିଷଦ ବୈଠକ ପୂର୍ବତନ ସଭାପତି ଅଶୋକ ଦାସ ଙ୍କ ଅଧକ୍ଷତାରେ ବାଲୁଘାଟସ୍ଥିତ ଜାତୀୟ ରାଜପଥ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ବିଗତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା ସର୍ବସମ୍ମତିକ୍ରମେ ପୁରୁଣା କମିଟିକୁ ଭଙ୍ଗ କରାଯାଇଥିଲା ଉପଦେଷ୍ଟା ଅନିଲ ମହାନ୍ତିଙ୍କ ତ୍ତ୍ୱବଧାନରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ନୂତନ କର୍ମକର୍ତ୍ତା ମାନେ ହେଲେ ସଭାପତି : ସଂଜୀବ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି: ଦେବାଶିଷ କବି,ସାଧାରଣ ସମ୍ପାଦକ: ସ୍ୱୟାନନ୍ଦ ବେହେରା, ଉପସଭାପତି: ରାଜେନ୍ଦ୍ର କୁମାର ବେହେରା, ରଂଜିତ ଚୌଧୁରୀ, ସାଙ୍ଗଠନିକ ସମ୍ପାଦକ ଆଲୋକ କର, ପ୍ରଶାନ୍ତ ସାହୁ ଓ କୋଷାଧକ୍ଷ : ସୁଦର୍ଶନ ଜେନା ।

ନବନିର୍ବାଚିତ କର୍ମକର୍ତାମାନେ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କ୍ରିୟାଶୀଳ କରିବା ପାଇଁ ସମସ୍ତଙ୍କ ର ସହଯୋଗ କାମନା କରିଥିଲେ ରାଜ୍ୟ କମିଟିର ମାର୍ଗଦର୍ଶନ ରେ ସାମ୍ବାଦିକମାନଙ୍କ ସ୍ବାର୍ଥର ସୁରକ୍ଷା ପାଇଁ କାର୍ଯ୍ୟକରିବା ଉପରେ ସଦସ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ରାଉରକେଲା,ସୁନ୍ଦରଗଡ଼, ବଣେଇ, ରାଜଗାଙ୍ଗପୁର ଅଂଚଳର ସଦସ୍ୟ ଦୁର୍ଗାମାଧବ ବେହେରା, ହବିବ ଖାନ, ସୂର୍ଯ୍ୟପ୍ରତାପ ମହାନ୍ତି, ଗିରେନ୍ଦ୍ର ସାହୁ, ଦେବାଶିଷ ସାହୁ, ହେମନ୍ତ ପାତ୍ର, ସୁଧୀର ଦାସ, ସୁଜିତ କୁମାର ମହାନ୍ତି, ଗଣେଶ ସାହୁ, ସୁଜ୍ଞାନୀ ରାୟ, ଉପେନ୍ଦ୍ର ମହାରଣା, ଗୌତମ ମାଇତି ପ୍ରମୁଖ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ଶେଷରେ ସଭାପତି ଶ୍ରୀ ସଂଜୀବ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

## ଭୀମକୁଣ୍ଡରେ ଭିତ୍ତି ଭୂମି ଅଭାବରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ



କରଞ୍ଜିଆ,୧୬/୧୨ (ମହାଭାରତ) ମୟୂରଭଞ୍ଜ ଜିଲ୍ଲାର ଭୀମକୁଣ୍ଡ ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ପାଣ୍ଡବ ମାନେ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବା ବେଳେ ଏହିଠାରେ ସ୍ନାନ କରିବା ସହିତ ତୃଷ୍ଣା ମେଣ୍ଟାଇ ଥିଲେ ତେଣୁ ଏହାର ନାମକରଣ ମଧ୍ୟ ଭୀମକୁଣ୍ଡ ରଖାଯାଇଛି , ଯାହା କିମ୍ବଦନ୍ତୀ କହେ ତେବେ ଏହାକୁ ୨୦୦୬ ମସିହାରେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ କ୍ଷେତ୍ର ହିସାବରେ ସ୍ଥାନ ମିଳି ଛି ସେଇ ଦିନ ଠାରୁ ଆଜି ପର୍ଯ୍ୟନ୍ତ ପିକନିକ ଋତୁରେ ଚଳଚଞ୍ଚଳ ହୋଇ ଉଠେ ଭୀମକୁଣ୍ଡ ।

ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଜନ ମାନସକୁ ବିମହିତ କରିଥାଏ ।ପୁଣ୍ୟତୋୟା ବୈତରଣୀର ଉଛୁଳା ଜଳରାଶି । ପଥର ଉପରୁପଥର କୁ ଡେଇଁ ପଡି ଜଳ ପ୍ରପାତ ସୃଷ୍ଟିକରିବାର ଦୃଶ୍ୟ ପରିବେଶକୁ ବେଶ ରମଣୀୟ କରୁଥିବା ବେଳେ ଧଳା ,କଳା ଓ ନେଳି ପଥର ଗୋହର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବହିଆସୁଥିବାର ଦୃଶ୍ୟ ଅତି ରମଣୀୟ ଏହାକୁ ଦେଖିଲେ ଯେ କେହିବି କିଛି କ୍ଷଣ ପାଇଁ ସବୁକିଛି ଭୁଲି ଯାଇଥାଏ ହେଲେ ପ୍ରକୃତିର ସୌନ୍ଦର୍ଯ୍ୟ ଭରା ଏଇ ଭୀମକୁଣ୍ଡ ପର୍ଯ୍ୟଟନ ମାନ୍ୟତା ପାଇଥିଲେ ମଧ୍ୟ ବହୁ ସମସ୍ୟା ଦେଖା ଦେଇଛି ତେବେପ୍ରବେଶ ପଥ ର ଗେଟ ଟି ଜରାଜିର୍ଣ୍ଣ ଅବସ୍ଥା ରେ ଥିବା ବେଳେ ଭୀମକୁଣ୍ଡ ଠାରେ ସୁରକ୍ଷା ବାଡ଼ ସହିତ କୁଣ୍ଡ ପାଖରେ ନିର୍ମାଣ ହୋଇଥିବା ଭୀମ ମୂର୍ତ୍ତିର ରଙ୍ଗ ଛାଡି ଯାଇଥିଲା ବେଳେ , କୁଣ୍ଡ ଉପର ପାଖରେ କୌଣସି ସୁରକ୍ଷା ବାଡ଼ ଦେଲେ ବହୁ ମୂଲ୍ୟବାନ ଜୀବନର ସୁରକ୍ଷା ହୋଇ ପାରିବା ସହିତ ପର୍ଯ୍ୟଟକ ମାନେ ଏହାର ଭରପୁର ମଜା ନେଇ ପାରନ୍ତେ।

ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳ ହୋଇଥିବା ବେଳେ, ବଣ ଭଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ଏହାର ମନରୋମ ଦୃଶ୍ୟ ଉପଭୋଗ କରିବା ପାଇଁ ।ଚଟାର , ସୁରକ୍ଷାବାଡ଼ , ଉଜ୍ଜ୍ୱଳ ଆଲୋକ, ଭଲ ଶୌଚାଳୟ , ରହିବା ପାଇଁ କଟେଜ୍ , ବଙ୍ଗଳା ଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ଭିତ୍ତି ଭୂମି ର ସଙ୍କଟ କୁ ନେଇ ପର୍ଯ୍ୟଟକଙ୍କ ମନରେ ଅଶାନ୍ତି ଭରି ରହୁଛି ସେହିପରି ପର୍ଯ୍ୟଟନକ୍ଷେତ୍ର ରେ ସୁରକ୍ଷା ବ୍ୟବସ୍ଥାମଧ୍ୟ କିଛି ନାହିଁ କି ସେଠାରେ ଥିବା ସୌ ଚାଳୟ ଅପରିଷ୍କାର ଥିବା ବେଳେ ରାତ୍ରି ଜାପନ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ପର୍ଯ୍ୟଟକ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତେବେ ଭୀମକୁଣ୍ଡ କୁ ପୂର୍ବରୁ କୋଟି କୋଟି ଟଙ୍କା ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ପାରି ନାହିଁ , ଅବ୍ୟବସ୍ଥା ପାଇଁ ପର୍ଯ୍ୟଟକ ମୁଁ ଫେରାଇ ଲେଣି... ? ଭୀମକୁଣ୍ଡ ର ଉନ୍ନତି କରଣରେ ସିମିତ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଥିଲେବି ବନବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗର ଏ ଦିଗରେ କେବେ ଦୃଷ୍ଟି ପଡୁଛି ଦେଖିବାକୁ ବାକି ରହିଲା

## ବିଷବଳୟ ଭିତରେ ଡେରଙ୍ଗ ପଞ୍ଚାୟତ ବାସୀ, କଥା ରଖୁନି ଜେଏସପିଏଲ କମ୍ପାନୀ

ଡେରେଙ୍ଗ ୧୬।୧୨(ମହାଭାରତ): କହିଁଅଁବ୍ଲକ୍ ଡେରଙ୍ଗ ଗ୍ରାମ ମଝିସାହି ଶିବ ମନ୍ଦିର ପାଖରେ ଥିବା ପୋଖରୀ ପାଣିରେ ପାଉଁଶ ଓ କୋଇଲା ଗୁଣ୍ଡର ଆସ୍ତରଣ ପଡିଛି। ପୋଖରୀ ଜଳ ମାତ୍ରାଧିକ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟିଛି। ଏହା ସତ୍ତ୍ୱେ ମଧ୍ୟ ନିରୁପାୟ ହୋଇ ଲୋକେ, ପଶୁପକ୍ଷୀ ଏହି ଜଳକୁ ବ୍ୟବହାର କରୁଛନ୍ତି ଗ୍ରାମରେ ଏକମାତ୍ର ଏହିପୁରାତନ ପୋଖରୀ ଜଳ ଉପରେ ଡେରଙ୍ଗ ମଝିସାହି,ଦେହୁରୀସାହି,ଓ ଗୋଛାୟତ ସାହିର ପ୍ରାୟ ତିନିହଜାର ଲୋକ ଏହିପୋଖରିଉପରେ ନିର୍ଭର କରିଥାନ୍ତି ଗାଁ ଠାରୁ ମାତ୍ର ୪ଶହ ମିଟର ଦୂରରେ ରହିଛି ଡେରଙ୍ଗ ଜେ ଏସ ପିଏଲ୍ ପ୍ରକଳ୍ପ ଏହି ପ୍ରକଳ୍ପର ସିଏଚପିରୁ କୋଇଲା ଗୁଣ୍ଡ ଓ ଚେମ୍ନିରୁ ନିର୍ଗତ ପାଉଁଶ ଗୁଣ୍ଡ ଉଡି ପୋଖରିରେ ପଡିବା ଫଳରେ ପୋଖରିର ଜଳ ପ୍ରଦୂଷିତ ହୋଇଥିବା ଜଣାଯାଇଛି । ଏହି ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଦୂଷଣ ମୁଖ୍ୟ ଅଧିକାରୀ ରମେଶ କୁମାର ଏକାଙ୍କ ମତାମତ ଲୋଡିବାରୁ ଖବର ପ୍ରସାରଣ କରନ୍ତୁ, ମୁଁ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ ।

## ବିଷମକଟକ: ବିଜେଡି ତ୍ରୁଟିର ସମାଧାନ ପାଇଁ କଂଗ୍ରେସ ଓ ବିଜେପିର କସରତ !

### ପଟ୍ଟାର ଅଧିକାର ପାଇଁ ରାଜସ୍ୱମନ୍ତ୍ରୀଙ୍କୁ ଭେଟିଲେ ବିଷମକଟକ ବିଧାୟକ

ବିଷମକଟକ ୧୬/୧୨(ମହାଭାରତ): ଦଶନ୍ଧି ଦଶନ୍ଧି ଧରି, ବିଷମକଟକ ସହରର ଜନସାଧାରଣଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରାୟଗଡା ସର୍କିଟ ହାଉସ ଠାରେ ଭେଟିଛନ୍ତି ବିଷମକଟକ ବିଧାୟକ ନୀଳମାଧବ ହିକକା ମାନ୍ୟବର ମନ୍ତ୍ରୀଙ୍କ ଦିନିକିଆ। ରାୟଗଡା ଜିଲ୍ଲା ଗସ୍ତ ବେଳେ ବିଷମକଟକ ଠାରେ ଯୁଗ ଯୁଗ ଧରି ବସବାସ କରୁଥିବା ଲୋକଙ୍କ ପଟ୍ଟା ଜନିତ ସମସ୍ୟାକୁ ଆଜି ରାଜସ୍ୱ ମନ୍ତ୍ରୀଙ୍କ ଆଗରେ ଶ୍ରୀ ହିକକା ଉପସ୍ଥାପନ କରିଥିଲେ।

ପ୍ରକାଶ ଥାଉକି ବିଷମକଟକ ସଦର ସହର ର ଡୁକୁମ ରୋଡ଼, ହେମଗିରି ସାହି, ସାନସାହି, ଏଭଳି ଅନ୍ୟ ଅନେକ କ୍ଷେତ୍ରର ବୈଷୟିକ ତ୍ରୁଟି ହେତୁ ଜମି ସମାଧାନ ପ୍ରକ୍ରିୟାରୁ ବାଦ ପଡିଅଛି । ୨୦୧୧ରେ ସର୍ବ ଶେଷ ଥର ପାଇଁ ହୋଇଥିବା ଲ୍ୟାଣ୍ଡ ସେଟେଲମେଣ୍ଟ ସମୟରେ କୌଣସି କାରଣ ବଶତଃ ବିଷମକଟକ ସହର ର କିଛି ବିଶେଷ ଅଞ୍ଚଳ ଏହି ଲ୍ୟାଣ୍ଡ ସେଟେଲମେଣ୍ଟ ରୁ ବାଦ ପଡିଥିଲା ପରିଣାମ ସ୍ୱରୂପ ହଜାର ହଜାର ସଂଖ୍ୟା ରେ ଏଠାରେ ବସବାସ କରୁଥିବା ବାସିନ୍ଦାଙ୍କ ପାଇଁ ଏହା ବହୁତ ଅସୁବିଧା ସୃଷ୍ଟି କରିଛି ।

ସେମାନଙ୍କର ବହୁମୂଲ୍ୟ ଅସ୍ଥାବର ସମ୍ପତ୍ତି ପାଇଁ ପଟା ଅଭାବ ରହିଥିବା ହେତୁ, ସମ୍ପତ୍ତି ବନ୍ଧକ କିମ୍ବା ବନ୍ଧକ ଉଦ୍ଦେଶ୍ୟରେ କାମରେ ଲାଗିପରୁ ନାହିଁ ଯେଉଁଥିପାଇଁ ସାଧାରଣ ଲୋକେ ବିବାହ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟାଙ୍କ ଋଣ ଭଳି ଅନ୍ୟାନ୍ୟ ଆବଶ୍ୟକତା ସହ ଜଡିତ ଜରୁରୀକାଳୀନ ପରିସ୍ଥିତିରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ନିକଟରେ ବିଷମକଟକ ବିଧାୟକ ଭାବେ ନୀଳମାଧବ ହିକକା ବିଜୟୀ ହେବା ପରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାୟକଙ୍କ ନିକଟରେ ଅନେକ ଅଭିଯୋଗ ହୋଇଥିଲା ଯାହାପରେ ବିଧାୟକ ହିକକା ନିଜ ତରଫରୁ ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ ଏହି କ୍ରମରେ ସେ ବିଷମକଟକର ବିଭିନ୍ନ କ୍ଷେତ୍ରରୁ ୭୧୧ଟି ଅଭିଯୋଗ ପାଇଛନ୍ତି ପୂର୍ବର ବିଜେଡି ସରକାରଙ୍କ ତ୍ରୁଟି ଯୋଗୁଁ ଲୋକେ ବହୁ ବର୍ଷ ଧରି ହଇରାଣ ହୋଇଥିବା ହେତୁ ଏହି ମୁଦ୍ଦା କୁ ସ୍ଥାନୀୟ ତହସିଲଦାର ଠାରୁ ଆରମ୍ଭ କରି ବୋର୍ଡ ଅଫ ରେଭେନ୍ୟୁ, ଆରଡିସି, ଜିଲ୍ଲାପାଳ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ଶେଷରେ ଏହାର ୍ରିତ ସମାଧାନ ପାଇଁ ବିଧାୟକ ଆଜି ସ୍ଥାନୀୟ ଲୋକଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ।

ତେବେ ପୂର୍ବ ସରକାର ସମୟରେ ଯେଉଁ ଭଳି ଭାବେ ଲ୍ୟାଣ୍ଡ ସେଟେଲମେଣ୍ଟ କରାଯାଇଥିଲା। ଆମ ସରକାର ସେ ଭୁଲ ଦୋହରାଇବେ ନାହିଁ ଏହା ଏକ ଜଟିଳ ପ୍ରକ୍ରିୟା ଯାହାକୁ ସମ୍ପୂର୍ଣ୍ଣ ଗୁରୁ ଦେଇ ସମାଧାନ କରାଯିବା ପାଇଁ ପର୍ଯ୍ୟାପ୍ତ ସମୟ ଆବଶ୍ୟକ ଏବଂ ୪ ଡେସିମିଲ ସରକାରୀ ସ୍ଥାନ ରେ ବାସ କରୁଥିବା ଯେକୌଣସି ଭୂମିହୀନଙ୍କୁ କୋଣସି ପ୍ରକାର ରେ ଉଚ୍ଛେଦ କରାଯିବ ନାହିଁ ବୋଲି ମାନ୍ୟବର ମନ୍ତ୍ରୀ ସ୍ପଷ୍ଟ କରିଥିଲେ । ମନ୍ତ୍ରୀଙ୍କ ଠାରୁ ଏଭଳି ଆଶ୍ୱାସନା ଲୋକଙ୍କ ମନରେ ନୂଆ। ଉତ୍ସାହ ଆଣିଥିବା ବେଳେ ବିଧାୟକ ଏହାକୁ ସ୍ୱାଗତ ଯୋଗ୍ୟ ବୋଲି ସନ୍ତୋଷ ପ୍ରକାଶ କରିଛନ୍ତି ନବନିର୍ବାଚିତ ବିଧାୟକଙ୍କ ଏହି ପ୍ରୟାସ ଲାଗି ବୁଦ୍ଧିଜୀବୀ ସମେତ ସ୍ଥାନୀୟ ଲୋକଙ୍କ ତରଫରୁ ପ୍ରଶଂସା ର ସୁଅ ଛୁଟିଥିବା ବେଳେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପ୍ରତି ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାପଡିଛି ଏହି ଅବସରରେ ସାଂସଦ ପ୍ରତିନିଧି ଦିଲ୍ଲିପ ପଟନାୟକ, ସରପଞ୍ଚ ନମିତା କୁଲୁସିକା ସମେତ ବିଷମକଟକ ଅଞ୍ଚଳର ବହୁ ମହିଳା ଓ ସାଧାରଣ ଜନତା ମାନ୍ୟବର ମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟା ପ୍ରତି ସମାଧାନ ପାଇଁ ଅନୁରୋଧ କରିଥିଲେ ।

## ଘନ କୁହୁଡି ଯୋଗୁଁ ଯାତ୍ରୀବାହୀ ବସ ଓଲଟିଲା,୭ ଆହତ

ବେଗୁନିଆ, ୧୬/୧୨(ମହାଭାରତ):୫୭ ନମ୍ବର ଜାତୀୟ ରାଜପଥର ବାଘମାରି ପେଟ୍ରୋଲ ପମ୍ପ ନିକଟରେ ଥିବା ଇଟା ଫ୍ୟାକ୍ଟ୍ରି ଠାରେ ରବିବାର ଦିନ ବିଳମ୍ବିତ ରାତ୍ରରେ ଘନ କୁହୁଡି ଯୋଗୁଁ ଯାତ୍ରୀବାହୀ ବସ ଓଲଟି ୭ ଜଣ ଆହତ ହୋଇଥିବାର ପୁଲିସ ନିକଟରୁ ସୂଚନା ମିଳିଛି ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ ଖୁସି ନାମକ ଯାତ୍ରୀବାହୀ ବସ ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଘନ କୁହୁଡି ଯୋଗୁଁ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତାର ବାମ ପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ୬ ଜଣ ବ୍ୟକ୍ତିଙ୍କ ସମେତ ୧ ଜଣ ଶିଶୁ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକମାନନକ ସହଯୋଗ ଓ ବେଗୁନିଆ। ଅଗ୍ନିଶମ କର୍ମଚାରୀ ମାନେ ଆହତଙ୍କୁ ଚିକିତ୍ସା ନିମିତ୍ତ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ ।

## ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ଚାଲିଛି ପାଠପଢ଼ା



କୋକସରା,(ମହାଭାରତ): ୧୬।୧୨ କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦୀର୍ଘ ବର୍ଷ ହେବ ଶ୍ରେଣୀ ଗୃହ ଅଭାବରୁ ଛାତ୍ର ଛାତ୍ରୀ ମାନେ ବାରଣ୍ଡାରେ ବସି ପାଠ ପଢ଼ୁଛନ୍ତିବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ାଯାଉଥିବା ବେଳେ କେବଳ ଦୁଇଟି ଶ୍ରେଣୀ ଗୃହ ଏବଂ ଗୋଟାଏ ଅଫିସ କାର୍ଯ୍ୟାଳୟ ରହିଛି। ଏଠାରେ ସର୍ବମୋଟ ୧୧୭ ଜଣ ଛାତ୍ର ଛାତ୍ରୀ ରହିଛନ୍ତି ଏବଂ ତନ୍ମଧ୍ୟରେ ଛାତ୍ର ସଂଖ୍ୟା ୪୮ ଓ ଛାତ୍ରୀ ସଂଖ୍ୟା ୬୯ ରହିଥିବା ବେଳେ ୩ ଜଣ ଶିକ୍ଷକ ଏବଂ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି । ଶ୍ରେଣୀ ଗୃହ ପାଇଁ ଅଭିଭାବକ ଓ ଅଭିଭାବିକା ଏବଂ ସ୍କୁଲ କମିଟି ପକ୍ଷରୁ ପ୍ରଶାସନକୁ ଅନେକ ଥର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି ଯାହା ଫଳରେ ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢ଼ାରେ ବାଧା ପ୍ରାପ୍ତ ହେଉଛି ।ଅନ୍ୟପକ୍ଷେ ସ୍କୁଲ ଗୃହର ସାମ୍ନାରେ ଏକ ଭଙ୍ଗା ଦଦରା ଶ୍ରେଣୀ ଗୃହ ଟିଏ ପଡ଼ି ରହିଛି ଯାହାକି ସ୍କୁଲ ଆସୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ବିପଦ ଜନକ ସଙ୍କେତ ଯେହେତୁ ଏହା ଦୀର୍ଘ ଦିନ ହେଲା ଭଙ୍ଗା ଦଦରା ଅବସ୍ଥାରେ ପଡ଼ି ରହିଛି ଏବଂ ଯେ କୌଣସି ମୁହୂର୍ତ୍ତରେ ଭୁଷୁଡି ଯାଇପାରେ ପ୍ରଶାସନ ଏଦିଗରେ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ

ଯୋଡା,୧୬/୧୨(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ସୁପର ମାର୍କେଟ ସୁନା ନଦୀ ପୋଲ ନିକଟରେ ଜଣେ ଯୁବକ କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ଦୁଇ ଜଣ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ଯୋଡା ଉଲୀ ହଟିଙ୍ଗ ର ଚିନ୍ମୟ ରାଜ ଓ ହନୁମାନ ହଟିଙ୍ଗ ର ରାଜୁ ସୋନକର ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଥିଲେ ହେଁ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି ପୋଲିସ କେସ ନଂ ୩୧୯/୨୦୨୪ ଦଫା ୧୨୬(୨), ୧୧୫(୨),୧୧୮(୧),୧୦୯/୩(୫) ବିଏନ୍ଏସ ରୁଜୁ କରି ଥିବା ସୂଚନା ମିଳିଛି । ପ୍ରକାଶ ଯୋଗ୍ୟ କି ,ରବିବାର ଅପରାହ୍ନରେ ଅମନ ନାଗ ନାମକ ଯୁବକ କୁ ସଂଘବଦ୍ଧ ଭାବେ ଲୋକେ ଆକ୍ରମଣ କରିଥିଲେ ଛୁରୀରେ ଆକ୍ରମଣ କରିଥିବାରୁ ତାଙ୍କ ଦେହ ର କିଛି ଅଙ୍ଗରେ କ୍ଷତ ବିକ୍ଷତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଡାକ୍ତର ଖାନ ରେ ଭର୍ତ୍ତି କରାଯାଇ ଥିବା ଜଣାପଡିଛିପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ରୁ ଯୋଡ ପୋଲିସ ପ୍ରକାଶ କରିଛି ।

## ହିନ୍ଦୋଳ ଥାନାର ସିଙ୍ଘମ ସାଜିଲେ ଚାରୁଲତା

### ୮ଗୋରୁ, ପିକଅପ ଭ୍ୟାନ,ବାଲେନୋ କାର, ବାଇକ ସହ ଦୁଇ ଅଟକ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ପୋଲିସ ବଡ ଧରଣ ଚଢାଉ କରି ଗୋରୁ ଗାଡି ସହ ଦୁଇ ମାଫିଆଙ୍କୁ ଗିରଫ କରିଛି ।

ଖବରରୁ ପ୍ରକାଶ ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ରାତି ୧୧ରୁ ଆଜି ସକାଳ ଭିତରେ ଗୋଡେଇ ଗୋଡେଇ ଚୋରା ଚାଲାଣ ହେଉଥିବା ୮ଟି ଗୋରୁ ସହ ଗୋରୁ ବୋଝେଇ ପିକଅପ ନଂ ଓଡି୦୫ଏଟି ୧୯୪୪,ତାକୁ ପାଇଲଟିଙ୍ଗ କରୁଥିବା ।ଲେନୋ କାର ନଂ ଓଡି ୦୨ବିଡ଼ବ୍ଲୁ ୯୮୬୨ ଓ ବାଇକ ନଂ ଓଡି ୧୯-କେ୩୧୭୧ ଜବତ କରିବା ସହ ସହିତ ଦୁଇ ଗୋରୁ ମାଫିଆ। କଟକ ଲାଲବାଗ ଅଞ୍ଚଳର ମେହେବୁବ ଖାଁ ଙ୍କ ପୁଅ ମହସିନ ଖାଁ, ହିନ୍ଦୋଳ ଥାନା ବାହାଲୁଣ୍ଡା ର ସ୍ୱର୍ଗତ ପଳଉ ନାଏକ ପୁଅ ବସନ୍ତ ନାଏକ କୁ ବାହାଲୁଣ୍ଡା ଲୋଟସ ଢ଼ାବା ସମ୍ମୁଖରେ ଧରିଥିଲେ। ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରିଣୀ ଚାରୁଲତା ବେହେରାଙ୍କ ନେତୃତ୍ୱରେ ସତମାଇଲ ଫାଣ୍ଡି ଅଫିସର ଦିଲୀପ ସାହୁ ଓ ପୋଲିସ କର୍ମଚାରୀ ମାନେ ଏହି ଚଢାଉରେ ସାମିଲ ହୋଇ ସଫଳତା ହାସଲ କରିଥିଲେ ଏବାବଦରେ ହିନ୍ଦୋଳ ଥାନାରେ କେଶ ନଂ ୩୩୬/୧୬-୧୨-୨୦୨୪ରେ ମାମଲା ରୁଜୁ କରି ଗିରଫ ଗୋରୁ ମାଫିଆ। ମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି।

## ଦେବଗଡ଼ରେ କୃଷି ଗଣନାର ପ୍ରଶିକ୍ଷଣ

ଦେବଗଡ଼,୧୬।୧୨(ମହାଭାରତ,) : ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ୧୧ ତମ କୃଷି ଗଣନା (୨୦୨୧-୨୨) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି ଜିଲ୍ଲା ଯୋଜନା ଓ ପର୍ଯ୍ୟ ବେକ୍ଷଣ ଉପ ନିର୍ଦ୍ଦେଶକ ରାମସେବକ ପ୍ରଧାନଙ୍କ, ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ଲୁଙ୍ଗ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସମ୍ମାନୀତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଗତି କୃଷ୍ଣ ବେହେରା, ଓ ପରିସଂଖ୍ୟାନ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ଶ୍ରୀ ଭରତ ଚନ୍ଦ୍ର ସୁଣ୍ଡି, ମଞ୍ଚାସିନ ରହି ଜିଲ୍ଲାରେ କୃଷି ଭିତ୍ତିକ, କୃଷକଙ୍କ ଆର୍ଥିକ ସ୍ଥିତି, ଶିକ୍ଷାଗତ ଯୋଗ୍ୟତା, ଆଧୁନିକ କୃଷି ଯନ୍ତ୍ର ପାତି ବ୍ୟବହାର, ମୃତ୍ତିକା ପରୀକ୍ଷା ଏବଂ ଯୈବିକ କୃଷି ଜାତି ଆଦି ବିଷୟରେ ଘରକୁ ଘର ବୁଲି ନମୁନା ଗ୍ରାମରେ ତଥ୍ୟ ସଂଗ୍ରହ କରାଯିବ, ଦ୍ୱିତୀୟ ପର୍ଯ୍ୟାୟର ମୋଟ ୧୫୧ ଟି ନମୁନା ଗ୍ରାମ ଓ ତୃତୀୟ ପର୍ଯ୍ୟାୟର ୫୪ ଟି ଗ୍ରାମ ରୁ ତଥ୍ୟ ସଂଗ୍ରହ କରାଯିବା ଉପରେ ଶିବିରରେ ଆଲୋକପାତ କରିଥିଲେ କାର୍ଯ୍ୟକ୍ରମରେ ୩ ଟି ତହସିଲ ରୁ ଆସିଥିବା ଗ୍ରାମ କୃଷି କର୍ମଚାରୀ, କୃଷି ଅଧିକାରୀ,ବରିଷ୍ଠ ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶକ, ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଏବଂ ରାଜସ୍ ନିରୀକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଜିଲ୍ଲା ଯୋଜନା ଓ ପର୍ଯ୍ୟ ବେକ୍ଷଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ

## ସିଏସ୍ଆର ମାଇନ୍ସ ପକ୍ଷରୁ ତିନିଦିନିଆ ଗୋଷ୍ଠୀ ଭିତ୍ତିକ ପୁନର୍ବାସ ଓ ମୂଲ୍ୟାଙ୍କନ ଶିବିର

ରାୟଗଡା-ସିଏସ୍ଆର ମାଇନ୍ସ ପକ୍ଷରୁ କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡିକରେ ଡିସେମ୍ବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନିଆ। ଗୋଷ୍ଠୀ-ଭିତ୍ତିକ ପୁନର୍ବାସ ଓ ମୂଲ୍ୟାଙ୍କନ ଶିବିର ଆୟୋଜନ କରାଯାଇଥିଲା ଭିନ୍ନକ୍ଷମକୁ ସମର୍ଥନ କରିବା ନିମନ୍ତେ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର ସଂସ୍ଥା ଓପନ ଲର୍ଣ୍ଣିଂ ସିଷ୍ଟମ୍ସ (ଓଏଲଏସ) ସହଭାଗୀତାରେ ଏହି ପ୍ରୟାସ ପରିଚାଳିତ ହୋଇଥିଲା। ଶିବିରରେ ଉକ୍ତ ଅଞ୍ଚଳର ଜନସମୁଦାୟରେ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଚିହ୍ନଟ ଓ ତାହାର ଆକଳନ କରାଯାଇଥିଲା ଉକ୍ତ ଆକଳନ ଏବଂ ଓଏଲଏସ୍‌ର ସୁପାରିଶ ଆଧାରରେ ଆମେ ହିତାଧିକାରୀଙ୍କୁ ଏକ ଅଧିକ ସ୍ୱାଧୀନ ଜୀବନ ବଞ୍ଚିବା ଏବଂ ସେମାନଙ୍କ ଜୀବନକୁ ପରିପୂର୍ଣ୍ଣ କରିବା ଦିଗରେ ସମର୍ଥ କରିବା ନିମନ୍ତେ ଉପଯୁକ୍ତ ସହାୟକ ଉପକରଣ ଯୋଗାଇଦେବୁ କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକରେ ଖଣିଗୁଡିକର ପାରିପାର୍ଶ୍ୱିକ ଗ୍ରାମରୁ ଯଥାକ୍ରମେ ୪୪ ଓ ୪୬ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା।

## ଦେବଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ଦେବଗଡ଼,୧୬।୧୨(ମହାଭାରତ): ରିଆମାଳ ବ୍ଲକ୍ ତାରଙ୍ଗ ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଯୋଗଦେଇ ୨୪ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅଭିଯୋଗ ମଧ୍ୟରେ ୧୪ ଟି ବ୍ୟକ୍ତିଗତ ଏବଂ ୧୦ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ରାସ୍ତା ମରାମତି, ରାଜସ୍ ଗ୍ରାମ କରିବା ନିମନ୍ତେ,୦.୦୪ ଜମୀର ପଟ୍ଟା, ସୁଭଦ୍ରା ଯୋଜନାରେ ଅନ୍ତର୍ଭୂକ୍ତ ନିମନ୍ତେ, ବିଦ୍ୟୁତ୍ ସଂଯୋଗିକରଣ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ,ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରେଶନ ଓରାମ,ତହସିଲଦାର ରିଆମାଳ ଜ୍ୟୋତ୍ସ୍ନା ରାଣୀ ନାଏକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## କୁଆରମୁଣ୍ଡା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାଉରକେଲା,୧୬।୧୨(ମହାଭାରତ): ଆଜି କୁଆରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟାନ ମହାଜନ ଓ ସୁନ୍ଦରଗଡ ଏସପି ଶ୍ରୀ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ଆଜି ମୋଟ ୮୫ ଅଭିଯୋଗର ଶୁଣାଣୀ ହୋଇଥିଲା ସେଥି ମଧ୍ୟରୁ ୩୪ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୧ ସାମୁହିକ ଅଭିଯୋଗ ରହିଥିଲା ଏଥି ମଧ୍ୟରୁ ୨୧ ଗୋଟି ଅଭିଯୋଗ ର ତତ କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାତ ଜଣଙ୍କୁ ଓ ରେଡକ୍ରସରୁ ତିନିଜଣ ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା, ଆବାସ ନିର୍ମାଣ ଦାବି ଆଦି ପ୍ରମୁଖ ରହିଥିଲା ।ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ଡିଏଫଓ ଯଶୋବନ୍ତ ସେଠୀ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଂଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, କୁଆରମୁଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଗଙ୍ଗାରାମ ବଡାଇକ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପୌରପରିଷଦ ପକ୍ଷ ରୁ ରହଗିରି ୨୦୨୪ ଅନୁଷ୍ଠିତ

ପାରଳାଖେମୁଣ୍ଡି,୧୬।୧୨(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ରଜଦଣ୍ଡ ଠାରେ ପୌର ପରିଷଦ ପକ୍ଷ ରୁ ରହା ଗିରି ୨୦୨୪ ଅନୁଷ୍ଠିତ ହୋଇଯାଇଅଛି ଏହି କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା ପାଳ, ପୌରପରିଷଦ ଅଧକ୍ଷ, ଗ୍ରାମ୍ୟ ଉନନୟନ ପ୍ରକଳ୍ପ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ,ଗୋଷାଣୀ ଗୋଷ୍ଠୀ ଉନୀୟନ୍ ଅଧିକାରୀ ଙ୍କ ସମେତ ବହୁ ମନ୍ୟ ଗଣ୍ୟ ବେକ୍ତି ଉପସ୍ଥିତ ଥିଲେ ସହର ର ବିଭିନ୍ନ ଅନୁଷ୍ଠାନ ପକ୍ଷ ରୁ ସଂସ୍କୃତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ।ଆଜି ସହର ଉତ୍ସବ ମୁଖର ହୋଇଥିଲା। ଏହି କାର୍ଯ୍ୟ କ୍ରମରେ ପୌର ପରିଷଦର କର୍ମଚାରି ସୋହ ଯୋଗ କରି ସଫଳ ରୂପାୟନ କରିଥିଲେ ।

## ଯୋଡ଼ା ବ୍ଲକରେ ୫୬ ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ମିଳିଲା

ଯୋଡ଼ା ୧୬/୧୨ (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରେ ୫୬ଜଣ କନିଷ୍ଠ ଶିକ୍ଷକ ଙ୍କୁ ସରକାରୀ ନିୟମିତ ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯାଇଛି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କ୍ଷେତ୍ରମୋହନ ହାଁସଦା ଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଶତପଥୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶତପଥୀ ନୂତନ ଭାବେ ଯୋଗଦାନ କରିଥିବା ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ଉନ୍ନତି ଆଣିବା ସହିତ ଯୋଡ଼ା ଭଳି ଆଦିବାସୀ ଅଧୁଷିତ ଉପାନ୍ତ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କର ଶୈକ୍ଷିକ ଉନ୍ନତି ଦିଗରେ ବଳିଷ୍ଠ ଉଦ୍ୟମ ଜାରି ରଖି ଯୋଡ଼ା ବ୍ଲକ ରୁ ଡ୍ରପ ଆଉଟ ହାର କମାଇବା, ଶତ ପ୍ରତିଶତ ଉପସ୍ଥାନ ବୃଦ୍ଧି କରିବା, ନିୟମିତ ଶିକ୍ଷାଦାନ, ଓ କର୍ମଠ ହୋଇ ଯୋଡ଼ା ବ୍ଲକ କୁ ଜିଲ୍ଲାର ମାନ୍ୟତା ପ୍ରଦାନ କରାଇବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ ଯୋଡ଼ା ବ୍ଲକ ର ଏନ ପି ଏସ ସଙ୍ଘ ର ସଭାପତି ଧ୍ରୁବ ଚରଣ ପାତ୍ର, ସମ୍ପାଦକ ବସନ୍ତ କୁମାର ପୃଷ୍ଟି, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମା ସାବତ, ଦୀନବନ୍ଧୁ ପତି ଓ ଅକ୍ଷୟ କୁମାର ରାଉତ ଉପସ୍ଥିତ ରହି ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ଓ ଯୋଡ଼ା ଏନ ପି ଏସ ସଙ୍ଘ କୁ ଭବିଷ୍ୟତରେ ଅଧିକ ସୁଦୃଢ଼ କରିବା ସହିତ ଯୁବ ପ୍ରତିଭା ନେଇ ସଂଘୀୟ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଇବା ପାଇଁ ଆହ୍ୱାନ ଦେଇଥିଲେ. ଆଗାମୀ ନବ ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସୁଖମୟ ହେବା ସହିତ ନୂଆ। ନିୟମିତ ଦରମା ପାଇ ନବବର୍ଷ କୁ ଆନନ୍ଦ ଉଲ୍ଲାସ ରେ କଟାଇବା ପାଇଁ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ଦୀନବନ୍ଧୁ ପତି ଜଣାଇଥିଲେ। କାର୍ଯ୍ୟାଳୟ ତରଫରୁ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦ୍ୱିବେଦୀ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ଜାନୁଆରୀ ମାସରେ ନୂଆ। ଦରମା ପ୍ରଦାନ କରାଇବା ପାଇଁ ଶତ ପ୍ରତିଶତ ଚେଷ୍ଟା ଜାରି ରଖିବାକୁ ଉଦ୍ୟମ କରିବାକୁ କହିବା ପରେ ସମସ୍ତ ଙ୍କ ମୁଖରେ ହସ ଖେଳିଥିଲା ଓ କରତାଳି ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ।

ଶେଷରେ ସଙ୍ଘ ର ସମ୍ପାଦକ ପୁନାଲ ପାତ୍ର ବିଗତ ୬ବର୍ଷ ର ଶିକ୍ଷାଦାନ ଓ ସଂଘର୍ଷ କରି ଆଜି ଶିକ୍ଷକ ମାନେ ନିୟମିତ ହୋଇ ପାରିଥିବା ଓ ସଂଘୀୟ କାର୍ଯ୍ୟରେ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହିତ ଏହି ଯୁବ ଶିକ୍ଷକ ମାନଙ୍କର ଏନ. ପି. ଏସ. ସଙ୍ଘ କୁ ଅଧିକ ମଜବୁତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥୀ ଉପସ୍ଥିତ ନବ ନିଯୁକ୍ତି ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉତ୍ତୋରତର ଉନ୍ନତି କାମନା କରିବା ସହିତ ଜଣେ ଜଣେ ଆଦର୍ଶ ଶିକ୍ଷକ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ସଙ୍ଘ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇଡେନଙ୍କ ପ୍ରସ୍ତାବରେ ଜେଲେନସ୍କି ଅସନ୍ତୁଷ୍ଟ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜର କାର୍ଯ୍ୟକାଳର ଅନ୍ତିମ ପର୍ଯ୍ୟାୟରେ ଚାଲିଛନ୍ତି । ତାଙ୍କର କାର୍ଯ୍ୟକାଳ ଏବେ ମାତ୍ର ଏକ ଏକ ମାସରୁ କମ୍ ରହିଛି । ଏହା ଭିତରେ ବାଇଡେନ୍ ପ୍ରଶାସନ ଋଷ ସହ ଚାଲିଥିବା ଯୁଦ୍ଧରେ ସାମରିକ ଶକ୍ତି ଓ ସୈନିକଙ୍କ ସଂଖ୍ୟାରେ ବୃଦ୍ଧି କରିବା ପାଇଁ ୟୁକେନକୁ ଏକ ପରାମର୍ଶ ଦେଇଛି । ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନର ଏହି ପରାମର୍ଶ ଦ୍ୱାରା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍ଡିମିର ଜେଲେନସ୍କି ଚିନ୍ତାରେ ପଡି ଯାଇଛନ୍ତି । ତାହା ହେଲା ଆମେରିକା ଏବେ ୟୁକ୍ରେନକୁ ସେନାରେ ଭର୍ତ୍ତି ପାଇଁ ବୟସ ସୀମାରୁ ୨୫ରୁ ହ୍ରାସ କରି ୧୮ ବର୍ଷ କରିବାକୁ ପରାମର୍ଶ ଦେଇଛି । ଏହା ସହ ସେନାରେ ଭର୍ତ୍ତି ହୋଇଥିବା ନୂଆ ଯବାନଙ୍କୁ ପ୍ରଶିକ୍ଷଣ ଓ ହତିଆର ଦେବାକୁ ପ୍ରସ୍ତାବ ଦେଇଛି । କିନ୍ତୁ ଜେଲନସ୍କି ଏହି ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି । ତାଙ୍କ ମତରେ ଏହାଦ୍ୱାରା ଭବିଷ୍ୟତରେ ଦେଶର ଜନସଂଖ୍ୟା ଉପରେ ଏହାର ପ୍ରଭାବ ପଡିବ । ବହୁ ବିଶେଷଜ୍ଞଙ୍କ ମତରେ ସେନିକଙ୍କ ଭର୍ତ୍ତି ବୟସ ହ୍ରାସ କରି ୧୮ ବର୍ଷ କରିବା ଫଳରେ ୟୁକ୍ରେନରେ ଜନ୍ମହାର ଉପରେ ଖରାପ ପ୍ରଭାବ ପଡିବ । ଏମିତିବି ସେଠାରେ ଜନ୍ମହାର କମ୍ ରହିଛି । ନ୍ୟୁଜ ୱିକ୍ ର ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ୧୦ ଲକ୍ଷରୁ ଅଧିକ ୟୁକ୍ରେନ୍ ସେନିକ ଋଷ ବିରୋଧରେ ଯୁଦ୍ଧ ଲଢୁଛନ୍ତି । ଏହାପରେ ବି ୟୁକ୍ରେନ୍ ପ୍ରାୟ ୪୩୦୦୦ ସୈନିକଙ୍କ ଅଭାବ ରହିଛି । ୟୁକେନକୁ ଋଷ ଭଳି ଦେଶ ସହ ମୁକାବିଲା କରିବା ପାଇଁ ଏବେ ୧.୬୦ ଲକ୍ଷ ଅତିରିକ୍ତ ସୈନିକ ଦରକାର । ସୈନିକଙ୍କ ସମସ୍ୟାକୁ ଦୂର କରିବା ପାଇଁ ଜେଲେନସ୍କି ସରକାର ଚଳିତ ବର୍ଷ ଏପ୍ରିଲରେ ସର୍ବନିମ୍ନ ବୟସ ୨୭ ରୁ ହ୍ରାସ କରି ୨୫ ବର୍ଷ କରିଥିଲେ । ଅଗଷ୍ଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଘୋଷଣା କରିଥିଲା ଯେ ଏକ ପାଇଲଟ୍ ପ୍ରୋଜେକ୍ଟ ଅନୁସାରେ ସେନିକଙ୍କୁ ଭର୍ତ୍ତିର ନ୍ୟୁନତମ ବୟସ ସୀମା ୨୫ ବର୍ଷରୁ ହ୍ରାସ କରି ୧୭ ବର୍ଷ କରିବାର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଉଛି । ଏହା ଅନୁସାରେ, ୧୭ ରୁ ୨୫ ବର୍ଷ ବୟସର ଯୁବପିଢିଙ୍କୁ ବିନା କେଣସି ମେଡିକାଲ ଟେଷ୍ଟର ସେନା ଭର୍ତ୍ତି ପାଇଁ ପଞ୍ଜିକୃତ କରି ଦିଆଯିବ । କିନ୍ତୁ ଜେଲେନସ୍କି ସରକାର ଏଥିରେ ବଡ଼ ବିପଦ ଥିବାର ଦେଖିବାକୁ ପାଇଛନ୍ତି ।

### ଯୁବପିଢିଙ୍କୁ ଇନଫୋସିସ୍ ସହ-ପ୍ରତିଷ୍ଠାତାଙ୍କ ପରାମର୍ଶ

# ଦେଶକୁ ଏକ ନମ୍ବର କରିବାକୁ ହେଲେ ସପ୍ତାହକୁ ୭୦ ଘଣ୍ଟା ପରିଶ୍ରମ କର

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ପୁଣି ଥରେ ସପ୍ତାହରେ ୭୦ ଘଣ୍ଟା କାମ କରିବା ବିଷୟରେ ଆଲୋଚନା କରିଛନ୍ତି ଇନଫୋସିସ୍ ର ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି । ପୁନର୍ବାର ତାଙ୍କ ବିବୃତ୍ତିକୁ ଦୋହରାଇ ସେ କହିଛନ୍ତି ଯେ, ଯୁବକ ମାନେ ୭୦ ଘଣ୍ଟା କାମ କରିବା ଆବଶ୍ୟକ । ସେ କହିଛନ୍ତି ଯେ ଯୁବକମାନଙ୍କୁ ବୁଝିବାକୁ ପଡିବ ଯେ, ଆମକୁ କଠିନ ପରିଶ୍ରମ କରିବାକୁ ପଡିବ, ଆଉ ଦେଶକୁ ଏକ ନମ୍ବର କରିବା ଦିଗରେ ନେବାକୁ ପଡିବ । ବାସ୍ତବରେ, ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତୀ କହିଛନ୍ତି ଯେ, ସପ୍ତାହରେ ୭୦ ଘଣ୍ଟା କାମ କରିବାର ବିଷୟକୁ ପୁଣି ଥରେ ଦୋହରାଇଛନ୍ତି ଏବଂ କହିଛନ୍ତି ଯେ ଦେଶର ଯୁବକ ମାନେ ବୁଝିବାକୁ ପଡିବ ଯେ ଆମକୁ କଠିନ ପରିଶ୍ରମ କରିବାକୁ ପଡିବ ଏବଂ ଦେଶକୁ ଏକ ନମ୍ବର କରିବା ଦିଗରେ କାର୍ଯ୍ୟ କରିବାକୁ ପଡିବ । ସେ କହିଛନ୍ତି ଯେ ଆମକୁ କାର୍ଯ୍ୟ କରିବାକୁ ପଡିବ, ଆମର ଆକାଂକ୍ଷାକୁ ଉଚ୍ଚରେ ରଖିବାକୁ ହେବ । କାରଣ ଦେଶରେ ୮୦ କୋଟି ଲୋକ ମାଗଣା ରାସନ ପାଆନ୍ତି, ଅର୍ଥାତ ଦେଶରେ ୮୦ କୋଟି ଲୋକ ଗରିବ ଅଟନ୍ତି । ଏପରି ପରିସ୍ଥିତିରେ, ଯଦି ଆମେ କଠିନ ପରିଶ୍ରମ କରିବା ନାହିଁ ତେବେ କିଏ କରିବ ?ସୂଚନାଥାଉକି, ଦେଶର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ୨୦୨୩ ମସିହାରେ ୭୦ ଘଣ୍ଟା କାମ କରିବାର କଳ୍ପନାକୁ ପ୍ରଥମେ ମୂର୍ତ୍ତୀ ପରାମର୍ଶ ଦେଇଥିଲେ । ଯଦିଓ ତାଙ୍କୁ ଅନେକ ଲୋକ ଏବଂ କିଛି ଡାକ୍ତର ସମାଲୋଚନା କରିଥିଲେ । ହେଲେ ଓଲା ସିଇଓ ଭବେଶ ଅଗ୍ରୱାଲଙ୍କ ସମେତ ଅନେକ ଲୋକ ମଧ୍ୟ ଏହାକୁ ପ୍ରଶଂସା କରିଥିଲେ । ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ଶତବାର୍ଷିକୀ ଉତ୍ସବରେ ଆରପିଏସଜି ଗ୍ରୁପ୍ ଚେୟାରମ୍ୟାନ୍ ସଞ୍ଜୀବ ଗୋଏଙ୍କାଙ୍କ ସହ ବାର୍ତ୍ତାଳାପରେ ନାରାୟଣ ମୂର୍ତ୍ତୀ କହିଛନ୍ତି ଯେ ଇନଫୋସିସରେ ମୁଁ କହିଥିଲି ଯେ ଆମେ ଶ୍ରେଷ୍ଠ ହେବୁ ଏବଂ ନିଜକୁ ସର୍ବଶ୍ରେଷ୍ଠ ବିଶ୍ୱ କମ୍ପାନୀ ସହିତ ତୁଳନା କରିବୁ । ବିଶ୍ୱସ୍ତରୀୟ କମ୍ପାନୀ ଗୁଡିକ ମଧ୍ୟରେ ଆମେ ସର୍ବୋତ୍ତମ, ତେବେ ମୁଁ ଆପଣଙ୍କୁ କହିପାରେ ଯେ ଆମ ଭାରତୀୟ ମାନଙ୍କର ବହୁତ କିଛି କରିବାର ଅଛି । ତେବେ ଯୁବ ଭାରତୀୟ ମାନେ କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଚାପକୁ ନେଇ ଚିନ୍ତିତ ରହିଥିବା ବେଳେ ନାରାୟଣ ମୂର୍ତ୍ତୀଙ୍କ ଏହି ମନ୍ତବ୍ୟ ଆସିଛି । ଯାହାଦ୍ୱାରା ଅନେକ ଲୋକ ପ୍ରାଣ ହରାଇଛନ୍ତି । ଦୀର୍ଘ ଘଣ୍ଟା କାମ କରିବାର ଗମ୍ଭୀର ପରିଣାମ ବିଷୟରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମଧ୍ୟ ଚେତାବନୀ ଦେଇଛନ୍ତି , ଯାହା କେବଳ କର୍ମଚାରୀଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ, ବରଂ ସେମାନଙ୍କର ବ୍ୟକ୍ତିଗତ ତଥା ସାମାଜିକ ସମ୍ପର୍କ ଉପରେ ମଧ୍ୟ ଗୁରୁତର ପ୍ରଭାବ ପକାଇପାରେ ।



# ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ସହିତ ପ୍ରତିବଦ୍ଧତାର ସିଜନକୁ ପାଳନ କରନ୍ତୁ

**ଭୁବନେଶ୍ୱର,୧୬।୧୨(ଏଜେନ୍ସି):** ତାରକାମାନଙ୍କୁ ସୃଷ୍ଟି ପ୍ଲାଟିନମ୍, ୨ ବିଲିଅନ ବର୍ଷ ପୂର୍ବେ ଧୂମକେତୁର ଏକ ସଂଘର୍ଷ ଜରିଆରେ ଭୂପୃଷ୍ଠରେ ପହଞ୍ଚିଥିଲା। ଏହି ବହୁମୂଲ୍ୟବାନ ଧାତୁ ସମଗ୍ର ପୃଥିବୀରେ ଅଳ୍ପକିଛି ବଛା ବଛା ସ୍ଥାନରେ ଦେଖିବାକୁ ମିଳେ ଏବଂ ଏହା ସୁନା ତୁଳନାରେ ୩୦ଗୁଣ ବିରଳ। ଏହାର ଅତୁଳନୀୟ ସାମର୍ଥ୍ୟ ସୁନିଶ୍ଚିତ କରାଉଛି ଯେ ଏହା ନିଜର ରୂପ ପରିବର୍ତ୍ତନ କରେନାହିଁ କିମ୍ବା ନିଜର ପ୍ରାକୃତିକ ସଫେଦପଣ ହରାଏନାହିଁ, ଯାହା ଏକ ପ୍ରେମର ମଜଭୁତପଣ ଏବଂ ଏକାଗ୍ରତାକୁ ପ୍ରତିବିମ୍ବିତ କରୁଛି ଯାହା ଏହି ଧରଣର ସ୍ୱତନ୍ତ୍ର। ପ୍ଲାଟିନମ୍ ଯେଭଳି ବିନା ରଙ୍ଗ ହରାଇବାର ସ୍ଥାୟିତ୍ୱ ବଜାୟ ରଖେ, ସେହିଭଳି ଏହା ପ୍ରେମର ପ୍ରତୀକ ମଧ୍ୟ- ଯାହା ଏକନିଷ୍ଠ ଏବଂ ଶାଶ୍ୱତ। ୯୫% ଶୁଦ୍ଧ ଏବଂ ଅତ୍ୟନ୍ତ ଭାବରେ ବିରଳ ପ୍ଲାଟିନମ୍‌ରୁ ପ୍ରସ୍ତୁତ, ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକ କେବଳ ମାତ୍ର ଗହଣା ନୁହେଁ; ସେଗୁଡିକ ପ୍ରେମର ପ୍ରତୀକ। ଏହି ବ୍ୟାଣ୍ଡ୍‌ଗୁଡିକ ଆଧୁନିକ ସମ୍ପର୍କର ମୂଲ୍ୟବୋଧକୁ ନେଇ ଆନନ୍ଦ ମନାଇଥାଏ- ଯାହା ପରସ୍ପରର ବ୍ୟକ୍ତିତ୍ୱ କାମନା କରେ, ପାରସ୍ପରିକ ସଫଳତାକୁ ପାଳନ କରେ ଏବଂ ସମାନ ଭାବରେ ଜୀବନର ଦାୟିତ୍ୱରେ ସହଭାଗୀତା କରେ। ପ୍ରତ୍ୟେକ ବ୍ୟାଣ୍ଡର ଅନନ୍ୟ ଟେକ୍ସଚର, ସାବଲୀଳ ଲାଇନ୍ସ ଏବଂ ମନମୋହକ ମୋଟିଫ ଏହି ସମସ୍ତ ନୀତିକୁ ଅତି ସୁନ୍ଦର ଭାବରେ ଧରିରଖିଛି। ଆପଣ ଏକ ମିନିମାଲିଷ୍ଟିକ ଏବଂ ଚିକ୍ ଷ୍ଟାଇଲ ପସନ୍ଦ କରନ୍ତୁ ଅଥବା ଚିରନ୍ତନ ସୌନ୍ଦର୍ଯ୍ୟ, ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡର ବହୁବିଧ ସମ୍ଭାର କିଛି ଭିନ୍ନ ଯୋଗାଇ ଦେଉଛି ଯାହା ପ୍ରେମର ଯାତ୍ରାରେ ପ୍ରତିବଦ୍ଧ ସମସ୍ତ ଦମ୍ପତିଙ୍କ ସହିତ ମେଳ ଖାଉଛି। ପ୍ଲାଟିନମ୍ ତାହାର ସମୃଦ୍ଧ ଐତିହ୍ୟ ଏବଂ ସମକାଳୀନ ଆବେଗ ସହିତ ଆଜିର ଡିଜାଇନ ଟ୍ରେଣ୍ଡ୍‌କୁ ସଠିକ ଭାବରେ ଅନନ୍ୟ ପିସ୍‌ଗୁଡିକରେ ପରିଣତ କରୁଛି ଯାହା ଆପଣଙ୍କର ବ୍ୟକ୍ତିଗତ ପ୍ରେମ କାହାଣୀକୁ ବର୍ଣ୍ଣନା କରୁଛି। ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡକୁ ବାଛିବା ଅର୍ଥ ପ୍ରେମର ଏକ ପ୍ରତୀକକୁ ପସନ୍ଦ କରିବା ଯାହା ଆଧୁନିକତା ସହିତ ପରମ୍ପରାର ମିଶ୍ରଣ କରୁଛି, ଆପଣଙ୍କର ସମୁଦାୟ ସହଭାଗୀ ଭବିଷ୍ୟତ ସାରା ସୁନ୍ଦର ହୋଇ ରହିବା ନିମନ୍ତେ ଡିଜାଇନ କରାଯାଇଛି।

# ମହାରାଷ୍ଟ୍ର ରାଜନୀତିରେ ପରିବର୍ତ୍ତନ ଆଣିବା ପାଇଁ ଏକଜୁଟ ହେବେ ଠାକରେ ପରିବାର !

**ମୁମ୍ବାଇ,୧୬।୧୨(ଏଜେନ୍ସି):** ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । ଏକ ପାରିବାରିକ ବିବାହ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ରାଜନୀତିର ଦୁଇଟି ଭିନ୍ନ ପାର୍ଶ୍ୱରେ ଠିଆ ହୋଇଥିବା ସଦସ୍ୟମାନେ ଏକାଠି ନଜର ଆସିଥିଲେ । ଏନେଇ ରାଜ୍ୟର ରାଜନେତିକ ମହଲରେ ଏକ ନୂଆ ଆଲୋଚନା ଆରମ୍ଭ ହୋଇଛି । ଏହା ମଧ୍ୟ କୁହାଯାଉଛି ଯେ, ଯଦି ଠାକରେ ପରିବାରର ଉଭୟ ନେତା ଏକାଠି ହୁଅନ୍ତି ତେବେ ମହାରାଷ୍ଟ୍ର ରାଜନୀତିର ଏକ ନୂଆ ରୂପ ଦେଖିବାକୁ ମିଳିବ । ବାନ୍ଦ୍ରା ୱେଷ୍ଟର ତାଜ ଲ୍ୟାଣ୍ଡସ ଏଣ୍ଡରେ ଆୟୋଜିତ ବିବାହ ଉତ୍ସବରେ ରାଜ ଠାକରେଙ୍କ ଉପସ୍ଥିତି ଏବଂ ବହୁ ବଡ଼ ବ୍ୟକ୍ତିତ୍ୱଙ୍କ ଉପସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏମଏନଏସ ମୁଖ୍ୟ ରାଜ ଠାକରେ ଉଦ୍ଧବ ଠାକରଙ୍କ ପତ୍ନୀ ରଶ୍ମୀ ଠାକରେଙ୍କ ଭଣଜା ଶୌନକ ପାଟାନକରଙ୍କ ବିବାହ ଭୋଜିରେ ପହଞ୍ଚିଥିଲେ । ଏହି ସମୟରେ ଯେତେବେଳେ ରାଜ ଠାକରେ ରିସେପ୍ସନରେ ପହଞ୍ଚିଥିଲେ, ସେତେବେଳେ ଉଦ୍ଧବ ଠାକରେଙ୍କ ପତ୍ନୀ ରଶ୍ମୀ ଠାକରେ ନିଜେ ତାଙ୍କୁ ସ୍ୱାଗତ କରିଥିଲେ । ପାରିବାରିକ କାର୍ଯ୍ୟରେ ରାଜ ଠାକରେଙ୍କ ଉପସ୍ଥିତି କଳ୍ପନାଜଳ୍ପନାର କାରଣ ହୋଇଛି । ବର୍ତ୍ତମାନ କୁହାଯାଉଛି ଯେ, ଠାକରେ ପରିବାର ଆଗାମୀ ଦିନରେ ଏକାଠି ହୋଇପାରନ୍ତି । ତେବେ ଉଦ୍ଧବ ଠାକରେ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିବାରୁ ସେ ସିଧାସଳଖ ରାଜ ଠାକରେଙ୍କୁ ଭେଟି ପାରି ନ ଥିଲେ । ଏହା ସତ୍ତ୍ୱେ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା କରାଯାଉଛି । ଯଦି ଉଭୟ ପରିବାର ଏବଂ ନେତା ଏକଜୁଟ ହୁଅନ୍ତି, ତେବେ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ରାଜନେତିକ ପରିବର୍ତ୍ତନ ଦେଖାଯିବାର ଆଶା ରହିଛି ବୋଲି ଚର୍ଚ୍ଚା ହେଉଛି ।

# ବିରୋଧିଙ୍କ ଉପରେ ବର୍ଷିଲେ ଯୋଗୀ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଉତ୍ତର ପ୍ରଦେଶ ବିଧାନସଭାର ଶୀତକାଳୀନ ଅଧିବେଶନକ୍ଷରେ ସୋମବାର ଗୃହରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିରୋଧିଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । ଯୋଗୀ କହିଛନ୍ତି, ଭାରତରେ ରାମ-କୃଷ୍ଣ ଓ ବୁଦ୍ଧଙ୍କ ପରମ୍ପରା ହିଁ ଚାଲିବ । ବାବର ଓ ଔରଙ୍ଗଜେବର ପରମ୍ପରା ଚାଲିବନି । ସମ୍ଭଲକୁ ନେଇ ବିରୋଧିଙ୍କ ହଙ୍ଗାମା ପରେ ସେ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପ୍ରଶାସନର ଦାୟିତ୍ୱ । ପ୍ରଶାସନ ସମ୍ଭଲରେ ତାହା ହିଁ କରୁଛି । ଯୋଗୀ କହିଛନ୍ତି, ସମ୍ଭଲରେ ତୁର୍କୀ ଓ ମୁସଲମାନଙ୍କ ବିବାଦ ଚାଲିଛି । ଶଫିକୁରହମାନ ବର୍କ (ସମାଜବାଦୀର ସମ୍ଭଲରୁ ପୂର୍ବତନ ସାଂସଦ) ନିଜକୁ ଭାରତର ନାଗରିକ ନୁହେଁ, ବଂର ବାବରଙ୍କ ସନ୍ତାନ ବୋଲି କୁହନ୍ତି । ଆପଣଙ୍କୁ ଏବେ ନିଷ୍ପତ୍ତି ନେବାକୁ ପଡିବ ଜଣେ ଆକ୍ରମଣକାରୀଙ୍କୁ ନିଜର ଆଦର୍ଶ ମାନିବେ ନା ରାମ-କୃଷ୍ଣ ଓ ବୁଦ୍ଧଙ୍କ ପରମ୍ପରାକୁ । ଭାରତରେ ରାମ-କୃଷ୍ଣ ଓ ବୁଦ୍ଧଙ୍କ ପରମ୍ପରା ରହିବ। ବାବର ଓ ଔରଙ୍ଗଜେବ୍ର ପରମ୍ପରା ରହିବନି । ରାମ ନାମ ହିଁ ସତ୍ୟ ।ରାମଙ୍କ ବିନା ଅନ୍ୟ କୌଣସି ଗତି ନାହିଁ। ଅନ୍ତିମ ଯାତ୍ରାରେ ଯଦି କାହାକୁ ବିଦା କରନ୍ତି ତେବେ 'ରାମ ନାମ ସତ୍ୟ' ହିଁ କୁହନ୍ତି । ଆମର ପୁରାଣ ମଧ୍ୟ ଏହା କୁହେଁ ଯେ, ଭଗବାନ ବିଷ୍ଣୁଙ୍କ ଦଶମ ଅବତାର(କଳକୀ ଅବତାର) ସମ୍ଭଲରୁ ହିଁ ହେବ । ବହରାଇଚ ଓ ସମ୍ଭଲ ହିଂସାକୁ ନେଇ ଯୋଗୀ କହିଛନ୍ତି, ଯେଉଁଭଳି ସମ୍ଭଲ ହିଂସାକୁ ନେଇ ବିରୋଧି ହଙ୍ଗା କରୁଛି ତା ଶାସନ କାଳରେ ସେଠାରେ ନରସଂହାର ହୋଇଥିଲା । ୧୯୪୭ ରୁ ହିଁ ସମ୍ଭଲରେ ଦଙ୍ଗାର ଇତିହାସ ରହିଛି । ୨୦୧୭ ରୁ ନେଇ ଏପର୍ଯ୍ୟନ୍ତ ୯୯% ହିଂସା ଘଟଣାରେ ହ୍ରାସ ପାଇଛି । ଏହା ହେଉଛି ଏନ୍ସିଆରବିର ଡାଟା ।



# ଦିଲ୍ଲୀରେ ପୁଣି ଲାଗୁହେଲା ତୃତୀୟ ଷ୍ଟେଜର ଜିଆରଏପି

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଦିଲ୍ଲୀର ପିଛା ଛାଡୁନାହିଁ ବାୟୁପ୍ରଦୁଷଣ । କିଛି ଦିନର ନିରବତା ପରେ ଦିଲ୍ଲୀ ପ୍ରଦୁଷଣ ପୁଣି ଖବର ଶିରୋନାମାକୁ ଫେରିଛି । କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ(ସିଏକ୍ୟୁଏମ) ପୁଣିଥରେ ଦିଲ୍ଲୀ ସହରରରେ ତୃତୀୟ ଷ୍ଟେଜର ଗ୍ରୋଡେଡ ରେସପନ୍ସ ଆକ୍ସନ ପ୍ଲାନ(ଜିଆରଏପି)କୁ ଲାଗୁକରିଛି । ବାୟୁର ମାନ ଅତ୍ୟନ୍ତ ଖରାପ ରହିଥିବାରୁ ସୋମବାର(୧୬ ଡିସେମ୍ବର) ଦିନ ଦିଲ୍ଲୀ ଏନସିଆର ଅଞ୍ଚଳରେ ଜିଆରଏପିକୁ ଲାଗୁ କରାଯାଇଛି । ସୋମବାର ସକାଳ ସମୟରେ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତ୍ୟନ୍ତ ଖରାପ ରହିଥିଲା । ଯାହା ବାୟୁ ସୂଚକାଙ୍କ ମାନଙ୍କରେ ୪୦୧ରୁ ୪୫୦ ମଧ୍ୟରେ ରହିଥିଲା । କିନ୍ତୁ ଦ୍ୱିପ୍ରହର ୨ଟା ସୁଦ୍ଧା ଦିଲ୍ଲୀରେ ବାୟୁ ସୂଚକାଙ୍କ ମାନଙ୍କ ୩୬୭କୁ ଖସି ଆସିଥିଲା । ସିଏକ୍ୟୁଏମର ସବ-କମିଟି ଦିଲ୍ଲୀ ସରକାରଙ୍କ ସହାୟତାରେ ଦିଲ୍ଲୀରେ ତତ୍କାଳ ପ୍ରଭାବରେ ଜିଆରଏପିକୁ ଲାଗୁ କରିଥିଲେ। ତୃତୀୟ ଫେଜର ଜିଆରଏପି ଲାଗୁହେବା ପରେ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗର ଅଞ୍ଚଳରେ ପଞ୍ଚମ ଶ୍ରେଣୀ ଯାଏ ପଢୁଥିବା ଛାତ୍ରଛାତ୍ରୀଙ୍କୁ ହାଇବ୍ରିଡ ମୋଡରେ ପାଠ ପଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ସମସ୍ତ ଡିଜେଲ ଚାଳିତ ଗାଡି ଓ ବିଏସ୍-୪ ମଡେଲ ପୂର୍ବର ଗାଡି ଗୁଡିକୁ ଦିଲ୍ଲୀ ମଧ୍ୟକୁ ପ୍ରବେଶ ଉପରେ ରୋକ ଲଗାଯାଇଛି । ବିଏସ-୩ ମଡେଲର ସମସ୍ତ ଗାଡି ଓ ବିଏସ୍-୪ ମଡେଲର ଡିଜେଲ ଚାଳିତ ହାଲୁକା ଯାନର ଦିଲ୍ଲୀ ଏନସିଆର ମଧ୍ୟକୁ ପ୍ରବେଶ ଉପରେ ରୋକ ଲଗାଯାଇଛି । ଦିଲ୍ଲୀରେ ପ୍ରଦୁଷଣର ସ୍ତର ଅତ୍ୟନ୍ତ ବଢିଯିବା ପରେ ବାୟୁ ସୁଚକାଙ୍କ କମିଟି ଗତ ନଭେମ୍ବର ୧୫ ତାରିଖରେ ସହରରେ ତୃତୀୟ ଫେଜର ଜିଆରଏପି ଲାଗୁ କରିଥିଲା । ସୁପ୍ରିମ କୋର୍ଟ ସୋମବାର ଦିନ ଏକ ଶୁଣାଣିରେ ଏହି ସମସ୍ୟାକୁ ସର୍ବଭାରତୀୟ ସମସ୍ୟା ବୋଲି କହିବା ସହ ସରକାରଙ୍କୁ ଦେଶର ସମସ୍ତ ପ୍ରଦୂଷିତ ସହର ଗୁଡିକର ନାଁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସିଏକ୍ୟୁଏମ ଭଳି ବାୟୁପ୍ରଦୁଷଣ ନିର୍ଣ୍ଣୟ କରୁଥିବା ସଂସ୍ଥାକୁ ପ୍ରତିଟି ରାଜ୍ୟରେ ଲାଗୁ କରେଇବାକୁ କହିଛନ୍ତି । ଶୀତ ଦିନ ମାନଙ୍କରେ ଦିଲ୍ଲୀରେ ବାରମ୍ବାର ଜିଆରଏପି ଲାଗୁ କରାଯାଇଥାଏ । ଜିଆରଏପିର ଚାରୋଟି ଷ୍ଟେଜ ରହିଛି, ପ୍ରଥମ ଷ୍ଟେଜରେ ୨୦୧ରୁ ୩୦୦ ମଧ୍ୟରେ ଥିବା ଏକ୍ୟୁଆଇକୁ ଖରାପ ବାୟୁମାନଙ୍କ, ଦ୍ୱିତୀୟ ଷ୍ଟେଜରେ ୩୦୧ରୁ ୪୦୦ ମଧ୍ୟରେ ଥିବା ଏକ୍ୟୁଆଇକୁ ଅତି ଖରାପ ବାୟୁମାନଙ୍କ, ତୃତୀୟ ଷ୍ଟେଜରେ ୪୦୧ରୁ ୪୫୦ ମଧ୍ୟରେ ଥିବା ଏକ୍ୟୁଆଇକୁ ନିମ୍ନମାନ ବାୟୁମାନଙ୍କ ଓ ଚତୁର୍ଥ ଷ୍ଟେଜରେ ୪୫୦ ପରର ଏକ୍ୟୁଆଇକୁ ଅତ୍ୟନ୍ତ ନିମ୍ନମାନର ବାୟୁମାନଙ୍କ ଭାବେ ଘୋଷଣା କରାଯାଇଥାଏ ।



# ଲୋକଙ୍କୁ ଅନ୍ଧାରରେ ରଖି ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ, ତଦନ୍ତ ଦାବି କଲେ ଗ୍ରାମବାସୀ

**ଲଡୁଗାଁ,(ନିପ୍ର):** ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରଥମେ କାର୍ଯ୍ୟର ନାମ, ଅଟକଳ ମୂଲ୍ୟ, କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ, କେଉଁ ଯୋଜନା, ଆର୍ଥିକ ବର୍ଷ, ଠିକାଦାର କିଏ, କେଉଁ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହେବ ଏ ସମସ୍ତ ସୂଚନା ଜନସାଧାରଣଙ୍କୁ ଉପଲବ୍ଧ କରାଇବା ପାଇଁ ସୂଚନା ଫଳକରେ ଉଲ୍ଲେଖ କରିବା ଜରୁରୀ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ତେବେ ବିଭିନ୍ନ ସ୍ଥାନରେ ଏହି ନିୟମ ବ୍ୟତିକ୍ରମ ହେଉଥିବା ବେଳେ ଲଡୁଗାଁ ସନ୍ନିକଟ ଉଛୁଳା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚାଲିଥିବା ଉନ୍ନୟନ ମୂଳକ କାମରେ ସୂଚନା ଫଳକ ଲାଗୁନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ସୂଚନା ମିଳୁନଥିବାରୁ କାମର ଗୁଣବତ୍ତା ସମ୍ପର୍କରେ ଜାଣିବା କଷ୍ଟକର ହୋଇପଡୁଛି। ଜୟପାଟଣା ବ୍ଲକ ଉଛୁଳା ପଞ୍ଚାୟତ ନୂଆଗୁଡ଼ା ଛକରୁ ନୂଆଗୁଡ଼ା ଗାଁକୁ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ସୂଚନା ଫଳକ ଲାଗି ନାହିଁ । କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲାଗିବା ନିୟମ ଥିବା ବେଳେ ଏଠି ନିୟମକୁ ଉଲ୍ଲଂଘନ କରି ଠିକାଦାର ନିମ୍ନ ମାନର କାମ କରିବାରେ ଲାଗିପଡିଛନ୍ତି । ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ରାସ୍ତା ସମତୁଲ କରିବା ପାଇଁ ବାଲି ବିଛା ଯାଇଥାଏ । ପରେ ମେଟାଲ କଂକ୍ରିଟ କରି ୪ଇଞ୍ଚର ଚିପସ୍ କଂକ୍ରିଟ କରିବା ନିୟମ ଥିବା ବେଳେ ବେଳେ ମେଟାଲ ୩ ଇଞ୍ଚ ଓ ଚିପସ୍ ୨ ଇଞ୍ଚ ଦେଇ ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଠିକାଦାର ଓ ଯନ୍ତ୍ରୀ ନିଜ ମନଇଚ୍ଛାରେ କାମ କରୁଛନ୍ତି ବୋଲି ଗ୍ରାମବାସୀ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ଏନେଇ ଜୟପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠେଇ ନଥିଲେ। ତେବେ ବିନା ସୂଚନା ଫଳକରେ ଚାଲିଥିବା ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି ଏବଂ ଠିକାଦାର ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ଲୋକଙ୍କୁ ଅନ୍ଧାରରେ ରଖି ଏଭଳି ବେଆଇନ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଜିଲ୍ଲା ପ୍ରକଳ୍ପ ଅଧିକାରୀ ଓ ଜିଲ୍ଲାପାଳ ଏନେଇ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



# ୧୯୯୦ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ହାଟଡିହି,(ନି.ପ୍ର):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସୁନାଘାଇ ଡ୍ୟାମ ନିକଟରେ ଏକ ମନଲୋଭା ପରିବେଶରେ ଆର.ବି ହାଇସ୍କୁଲ ଷଡ଼ଙ୍ଗର ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ପଟ୍ଟନାୟକଙ୍କ ସଂଯୋଜନାରେ ଦୀର୍ଘ ୩୪ବର୍ଷ ପରେ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିଥିଲେ। ଏପରିକି ଆଜିର ଦିନରେ ବିଗତ ଦିନର ସ୍ମୃତି କୁ ମନେପକାଇବା ପାଇଁ ବହୁ ଦୁର ଦୁରାନ୍ତରୁ ସାଙ୍ଗମାନେ ଛୁଟି ଆସିଥିଲେ। କିଏ ମୁମ୍ବାଇରୁ ତ ଆଉ କିଏ ପୁନେ ଓ ଆଉ କିଏ ଭୁବନେଶ୍ୱରରୁ ପରିବାର ସହିତ ଆସି ଏକତ୍ରିତ ହୋଇଥିଲେ । ଆଗାମି ଦିନରେ ବିଦ୍ୟାଳୟର ଉନ୍ନତି ମୁଳକ କାର୍ଯ୍ୟ ସହିତ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ। ସବୁ ବନ୍ଧୁ ମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତି ନେଇ ଏକ ମନରେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଏଥିରେ ପ୍ରଫୁଲ କୁମାର ନାୟକ, ଜୟନ୍ତ ମହାରଣା, ଜୟନ୍ତ ବେହେରା, ଦେବେନ୍ଦ୍ର ଜେନା, ପଙ୍କଜ ମହାପାତ୍ର, ଭୀମସେନ ସିଂ, ସରୋଜ ନାୟକ, ମାୟାଧର ରଣା, ରମାକାନ୍ତ ବେହେରା, ପ୍ରଶାନ୍ତ ପାତ୍ର, ତପନ କୁମାର ପଲେଇ, ଜଗନ୍ନାଥ ହାତୀ, ପୟୋଧର ଜେନା, ଅଶୋକ ପଟ୍ଟନାୟକ, ରମାକାନ୍ତ ଦାସ, ପ୍ରଦୀପ କୁମାର ଖଣ୍ଡାୟୀ, ସରୋଜ ସା , ସବିତା ସା, ମିନତୀ ପଣ୍ଡା, ତନ୍ମୟୀ ବେହେରା, ମଞ୍ଜୁଲତା ସେନାପତି, କାମିନିକାଞ୍ଚନ ସାଙ୍କ ସମେତ ୮୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



# ଅସହାୟକ ଓ ବୃଦ୍ଧବୃଦ୍ଧାଙ୍କୁ ୧୦୦ କମ୍ବଳ ବଣ୍ଟନ

ଭୁବନ, (ନିପ୍ର) : ସଂପ୍ରତି ଶୀତର ଲହରୀ ରାଜ୍ୟରେ ଅସ୍ତବ୍ୟସ୍ତ କରୁଥିବା ବେଳେ ବିଭିନ୍ନ ଅଂଚଳରେ ବହୁ ବ୍ୟକ୍ତିବିଶେଷ, ଅନୁଷ୍ଠାନ ପକ୍ଷରୁ ଗରିବ, ଅସହାୟତ ତଥା ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଂଟନ କରାଯାଉଛି। ଏହି କ୍ରମରେ ଭୁବନ ବ୍ଲକର ଅଗ୍ରଣୀ ଅନୁଷ୍ଠାନ ଜୟ ମା' ଦୁର୍ଗା ସେବା ସଂଗଠନ ଜରିଆରେ ସ୍ଥାନୀୟ ଦୟଣାବିଲ ପଂଚାୟତର ବର୍ଷିୟାନ ପାଲାଗାୟକ ଗାଳନ୍ଦି କୁଅଁରଙ୍କ ନାତି ଆର୍ଯ୍ୟ ୧୦୦ରୁ ଅଧିକ କମ୍ବଳ ବଂଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସୁରପ୍ରତାପପୁର ପଂଚାୟତର କାଶିପୁର ଓ ଗଡନୃସିଂହପ୍ରସାଦ ପଂଚାୟତର ଚମ୍ପାନାଳିଆ ଗାଁରେ ସଂଗଠନ ସଭାପତି ଆର୍ଜନ କଅଁରଙ୍କ ନେତୃତ୍ୱରେ କର୍ମୀମାନେ ଅସହାୟ ଓ ବୃଦ୍ଧ ବୃଦ୍ଧାଙ୍କୁ ଶତାଧିକ କମଳ ବଂଟନ କରିଛନ୍ତି।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ୪୧ତମ ଶିଶୁ ଉତ୍ସବ

ତିହିଡ଼ି,(ନିପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଓଷ୍ଟା ସଂଘ ପକ୍ଷରୁ ବ୍ଲକସ୍ତରୀୟ ୪୧ତମ ଶିଶୁ ଉତ୍ସବ ତିହିଡ଼ି ସ୍ଥିତ ସିଆରଏସ ହାଇସ୍କୁଲରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ସଂଘର ସଭାପତି ସମରେନ୍ଦ୍ର ନାଥ ମିଶ୍ର ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ତିହିଡ଼ି ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସଂଘର ସଭାପତି ଶ୍ରୀ ସମରେନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଓଷ୍ଟା ଜିଲା ସଭାପତି ଶଶି ଶେଖର କରଶର୍ମା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ଦେବବ୍ରତ ତ୍ରିପାଠୀ, ଜିଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ମିଶ୍ର, ବ୍ଲକ ସମ୍ପାଦକ ବିଶ୍ୱନାଥ ପଣ୍ଡା, ବ୍ଲକ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଓଷ୍ଟା ସଂଘ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ନାୟକ, ଜୟନ୍ତ କୁମାର ବାରିକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଭୂପ୍ରସାଦ ସାହୁ, ସ୍ନେହାଂଶୁ ଶେଖର ନାୟକ, ଶଶଧର ଓଝା, ପୂର୍ବତନ ବ୍ଲକ ସମ୍ପାଦକ ଦେବବ୍ରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ପରିହାରି, ଅବସରପ୍ରାପ୍ତ କର୍ମଚାରୀ ଚିନ୍ତାମଣି ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାରିକ ଅତିଥିମାନଙ୍କ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଶିକ୍ଷକ ବିପ୍ଳବ କୁମାର ପହି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲା ସହ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ସୁରେଶ ଚନ୍ଦ୍ର ମହାକୁଡ଼, ଶିକ୍ଷକ ଦେବକିଶୋର ଦାସ, ଜୟନ୍ତ କୁମାର ମହାନ୍ତି, ପ୍ରଭାତ ଜେନା, ଅଭୟ ସେନାପତି, ବିଜୟ ନାୟକ, ଚିନ୍ମୟ ବେହେରା, ସୁଧାଂଶୁ ନାୟକ, ରୋଜାଲିନ ବଳ, ସନ୍ତୋଷ ପଣ୍ଡା, ନିତ୍ୟାନନ୍ଦ ମଲିକ, ଅସୀମ ସାହୁ, ସୁଧାଂଶୁ ଶେଖର ନାୟକ, ନୃସିଂହ ଚରଣ ପଣ୍ଡା, ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ସଦ୍‌ଭାବନା ମଂଚ ପକ୍ଷରୁ ସାମ୍ପ୍ରଦାୟିକ ସଦ୍‌ଭାବନା କାର୍ଯ୍ୟକ୍ରମ

*ଭୁବନେଶ୍ୱର, (ନିପ୍ର) : ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର, ବିଭିନ୍ନତା ଭିତରେ ଏକତା ଭାରତର ବଳ। ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ମନରେ ସଦ୍‌ଭାବନା ରହିବା ଆବଶ୍ୟକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଘୃଣାର ବିନାଶ କରି ମାନବିକତାର ପ୍ରଚାର କରିବା ଆବଶ୍ୟକ। ସଦ୍‌ଭାବନା ମଂଚ ତରଫରୁ ଲୋହିଆ ଏକାଡେମୀ ପରିସରରେ ଆୟୋଜିତ "ସବ୍ୟ ସମାଜର ସ୍ଥାପନ ପାଇଁ ସାମ୍ପ୍ରଦାୟିକ ସଦ୍‌ଭାବନାର ମହତ୍ୱ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜାତି, ଧର୍ମର ଜନସାଧାରଣ ଯୋଗଦେଇ ଭାଇଚାରାର ବଜାୟ ରଖିବା ପାଇଁ ପ୍ରତିଜ୍ଞା କରିଥିଲେ। ସଦ୍‌ଭାବନା ମଂଚ ଆବାହକ ସଫଦର୍ ହାସିମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମାନସ ଜେନା, ଜମିଏତ୍ ଇସଲାମେ ହିନ୍ଦ୍‌ର ସହସମ୍ପାଦକ ୱାରିସ୍ ହାସନ୍, ଜମିଏତ୍ ଇସଲାମେ ହିନ୍ଦ୍ ଓଡ଼ିଶାର ନିର୍ଦ୍ଦେଶକ ଏକବାଲ୍ ମୁଲ୍ଲା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅବତାର ସିଂ ଭୂର୍ଜି, ମାନା, ଜେ.ଏମ୍. ପ୍ରମୁଖ ଯୋଗଦେଇଥିଲେ। ସଦ୍‌ଭାବନା ମଂଚର ଓଡ଼ିଶାରେ ଆଗାମୀ କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ସଭାପତି ଭାବେ ପ୍ରଶାନ୍ତନାଥ ଓ ସଂଯୋଜକ ଭାବେ ମୀର ଅହମ୍ମଦ ଅଲ୍ଲୀଙ୍କୁ ଉପସ୍ଥିତ ଜନସାଧାରଣ ସର୍ବସମ୍ମତି ମତେ ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ବିନ୍ଦୁଜା ଉପାଧ୍ୟାୟ, ଜ୍ଞାନ ବାରିକ, ମନୋଜ ସାହୁ, ସରୋଜ ପ୍ରଧାନ, କ୍ଷୀରୋଦ ଜେନା, ବିଷ୍ଣୁ, ସତ୍ୟ, ଅନୀଶ ଖାନ୍, ବାବୁ ରାଜା, ତାପସ ଦେ ପ୍ରମୁଖ ସହଯୋଗ କରିଥିଲେ।*

# ବର୍ଷା ପାଇଁ ଖେଳ ବାଧାପ୍ରାପ୍ତ : ଅଡୁଆରେ ଭାରତ

## ଅଷ୍ଟ୍ରେଲିଆ ୪୪୫

## ଭାରତ ୫୧/୪

ବ୍ରିସବେନ, ୧୬।୧୨: ବ୍ରିସବେନର ଗାବାରେ ଚାଲିଥିବା ଭାରତ-ଅଷ୍ଟ୍ରେଲିଆ। ତୃତୀୟ ଟେଷ୍ଟ ବର୍ଷା। ଯୋଗୁ ସଂପୂର୍ଣ୍ଣ ଭାବେ ଧୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ତୃତୀୟ ଦିନ ସୁଦ୍ଧା ଭାରତ ମ୍ୟାଚ୍‌ରେ ବ୍ୟାକଫୁଟରେ ରହିଛି। ଦଳ ଆ।ଜି ତାର ପ୍ରଥମ ଇନିଂସରେ ୧୭ ଓଭର ବ୍ୟାଟିଂ କରିଥିବା ବେଳେ ୪ ଓ୍ୱିକେଟ ହରାଇ କେବଳ ୫୧ ରନ କରିଛି। ପ୍ରଥମ ଇଂନିସରେ ଅଷ୍ଟ୍ରେଲିଆ ୪୪୫ ରନ୍ କରିଛି।

ସୋମବାର ମଧ୍ୟ ବ୍ରିସବେନରେ ଏକାଧିକ ଥର ବର୍ଷା ହୋଇଛି। ବର୍ଷା ଯୋଗୁ ଶେଷ ଅଧିବେଶନରେ ମାତ୍ର ୨ ଓଭର ବୋଲିଂ କରାଯାଇଥିଲା ପ୍ରଥମେ ବର୍ଷା ମ୍ୟାଚ୍‌ରେ ବାଧା ସୃଷ୍ଟି କରିଥିଲା। ଏହାପରେ ଖରାପ ଆଲୁଅ ପାଇଁ ଖେଳକୁ ଆଗୁଆ ବନ୍ଦ କରାଯାଇଥିଲା।

ଷ୍ଟମ୍ପ ଅପସାରଣ ବେଳକୁ କେଏଲ ରାହୁଲ ୩୩ ରନ ଓ ରୋହିତ ଶର୍ମା





ବିନା କୌଣସି ରନ କରି କ୍ରିଜରେ ରହିଛନ୍ତି ଉଭୟ ଆସନ୍ତାକାଲି ଭାରତର ଇନିଂସକୁ କେମିତି ନେଉଛନ୍ତି, ତା ଉପରେ ସମସ୍ତଙ୍କ ନଜର ରହିଛି।

ଏବେ ବି ଭାରତ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୩୯୭ ରନ ପଛରେ ରହିଛି। ସେହିପରି ଫଲୋଅନ(୨୪୬ ରନ) ଏଡ଼ାଇବା ପାଇଁ ମଧ୍ୟ ଭାରତକୁ ୪ର୍ଥ ଦିନରେ ଅନେକ କିଛି କରିବାକୁ ପଡ଼ିବ।

ପିଙ୍କ ବଲ ଟେଷ୍ଟ ଭଳି ଗାବାରେ ମଧ୍ୟ ଭାରତୀୟ ବ୍ୟାଟର ସମସ୍ତଙ୍କୁ ନିରାଶ କରିଛି। ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୭ ଓ୍ୱିକେଟ ହରାଇ ୪୦୫ ରନ କରିଥିଲା ଆଜି ଦଳ ୪୪୫ ରନ କରି ଅଲଆଉଟ ହେବା ପରେ ଭାରତ ତାର ପ୍ରଥମ ଇନିଂସ ଆରମ୍ଭ କରିଥିଲା। ହେଲେ ପ୍ରଥମ ଓଭରର ଦ୍ୱିତୀୟ ବଲରେ ଭାରତ ଯୁବ ତାରକା ଯଶସ୍ୱୀ ଜୈସାଲ(୪)ଙ୍କୁ ହରାଇଥିଲା। ତୃତୀୟ ଓଭରରେ ଶୁବମନ ଗିଲ ୧ ରନ କରି ମିଚେଲ ଷ୍ଟାର୍କଙ୍କ ଶିକାର ବନିଥିଲେ। ବିରାଟ କୋହଲି ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି।ସେ ମାତ୍ର ୩ ରନ କରି ଜୋଶ ହାଜେଲଉଡଙ୍କ ବଲରେ ଆଉଟ ହୋଇଥିଲେ।

ଆଜି ଭାରତ ୧୭ ଓଭର ବ୍ୟାଟିଂ କରିଥିବା ବେଳେ ଅଷ୍ଟ୍ରେଲିଆ ୧୬.୧ ଓଭର ବ୍ୟାଟିଂ କରିଛି। ଏହି ୧୬.୧ ଓଭରରେ ଅଷ୍ଟ୍ରେଲିଆ ଆଲେକ୍ସ କେରୀଙ୍କ ୭୦ ରନ ବଳରେ ତାର ପ୍ରଥମ ଇନିଂସରେ ବିଶାଳ ୪୪୫ ରନ କରିବାକୁ ସକ୍ଷମ ହୋଇଛି । ଭାରତ ପକ୍ଷରୁ ଗତକାଲି ୫ ଓ୍ୱିକେଟ ନେଇଥିବା ଯଶପ୍ରୀତ ବୁମରା ଆଜି ଆ।ଉ ଗୋଟିଏ ସଫଳତା ପାଇଛନ୍ତି। ସେହିପରି ମହମ୍ମଦ ସିରାଜ ଓ ଆକାଶଦୀପଙ୍କୁ ମଧ୍ୟ ଆଜି ଗୋଟିଏ ଲେଖାଏ ଓ୍ୱିକେଟ ମିଳିଥିଲା।

୪ର୍ଥ ଓ୍ୱିକେଟ ପାଇଁ ଋଷଭ ପନ୍ତ ଓ କେଏଲ ରାହୁଲ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିବା ସହ ୩୦ ରନ ଯୋଡ଼ିଥିଲେ କିନ୍ତୁ ବର୍ଷା ଯୋଗୁ ଖେଳକୁ ୨ଥର ବନ୍ଦ କରିବାକୁ ପଡ଼ିଥିଲା ବର୍ଷା ଛାଡ଼ିବା ପରେ ମ୍ୟାଚ୍ ଆ।ରମ୍ଭ ହୋଇଥିଲେ ହେଁ ଭାରତର ସ୍କୋର ୪୪ ଥିବା ବେଳେ ପନ୍ତ ୯ ରନ କରି ଆ।ଉଟ ହୋଇଯାଇଥିଲେ। ତାଙ୍କ ଓ୍ୱିକେଟ ଅଷ୍ଟ୍ରେଲିଆ।ର ଅଧିନାୟକ ପାଟ କମିନ୍ସଙ୍କ ଖାତାକୁ ଯାଇଛି।

ରାହୁଲ ଏହା ପରେ ଗୋଟିଏ ଚୌକା ମାରିଥିଲେ ହେଁ ପୁଣି ବର୍ଷା ଆ।ରମ୍ଭ ହୋଇଥିଲା ମ୍ୟାଚ୍‌କୁ ବେଶ କିଛି ଘଣ୍ଟା ବନ୍ଦ କରିବାକୁ ପଡ଼ିଥିଲା। ବର୍ଷା ଛାଡ଼ିବା ପରେ ପୁଣି ୨ ଓଭର ଖେଳ ହୋଇଥିଲା। କିନ୍ତୁ ଖରାପ ଆ।ଲୁଅ। ପାଇଁ ଅମ୍ପାୟାର ଷ୍ଟମ୍ପସ ଅପସାରଣ କରିବାକୁ ବାଧ୍ୟ ହୋଇଥିଲେ।

### ଧୋଇଯିବ ତୃତୀୟ ଟେଷ୍ଟ

ଭାରତ ମ୍ୟାଚ୍ ବ□ାଇବାକୁ ସଂଘର୍ଷ କରୁଥିବା ବେଳେ ଏବେ ଗାବାର ପାଣିପାଗକୁ ନେଇ ବଡ଼ ଖବର ଆ।ସିଛି। ଶୁକ୍ରବାର ବର୍ଷା ଯୋଗୁ ଅଷ୍ଟ୍ରେଲିଆ। ମାତ୍ର ୧୩ ଓଭର ବ୍ୟାଟିଂ କରିଥିଲା। ଦ୍ୱିତୀୟ ଦିନ ଖେଳରେ ବର୍ଷା ବାଧକ ସାଜିନଥିଲା। କିନ୍ତୁ ତୃତୀୟ ଦିନରେ ବର୍ଷା ୫ଥର ଖେଳରେ ବାଧା ସୃଷ୍ଟି କରିଥିଲା। ଏପରିକିଆ।ଜି କେବଳ ୩୩.୧ ଓଭର ହିଁ ଖେଳ ହୋଇ ପାରିଛି। ହେଲେ ଏବେ ପାଣିପାଗ ବିଭାଗ କରିଥିବା ପୂର୍ବାନୁମାନ ଭାରତ ଅପେକ୍ଷା ଘରୋଇ ଅଷ୍ଟ୍ରେଲିଆ।ର ଚିନ୍ତାକୁ ବଢ଼ାଇ ଦେଇଛି। କାରଣ ତୃତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ। ଡ୍ରାଇଭିଂ ସିଟରେ ରହିଛି। ଏପରି ସ୍ଥିତିରେ ଅଷ୍ଟ୍ରେଲିଆର ପାଣିପାଗ ବିଭାଗ କହିଛି ଯେ ଗାବା ଟେଷ୍ଟର ବାକି ୨ ଦିନ ବର୍ଷା ହେବାର ଆ।ଶଙ୍କା ୯୦% ରହିଛି ଯଦି ପାଣିପାଗ ବିଭାଗର ପୂର୍ବାନୁମାନ ଠିକ ରହେ, ତାହେଲେ ମ୍ୟାଚ୍ ଧୋଇଯିବାର ଆ।ଶଙ୍କା ବଢ଼ିଯିବ। ପାଣିପାଗ ବିଭାଗ କହିଛି ଯେ ମଙ୍ଗଳବାର ଅର୍ଥାତ ଆ।ସନ୍ତାକାଲି ବର୍ଷାର ପରିମାଣ ୫ ମିମିରୁ ୩୦ ମିମି ମଧ୍ୟରେ ରହିପାରେ। ସେହିପରି ବୁଧବାର ୨ ମିମିରୁ ୨୫ ମିମି ଯାଏ ବର୍ଷା ହେବାର ଆ।ଶଙ୍କା ରହିଛି। ସେହିପରି ଖେଳ ସମୟରେ ବାରମ୍ବାର ବର୍ଷା ହେବାର ଆ।ଶଙ୍କା ୯୦% ରହିଛି। ଏପରି ସ୍ଥିତିରେ ମ୍ୟାଚ୍ ସଂପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବାର ସମ୍ଭାବନା କମ ଥିବା କୁହାଯାଉଛି।

### ଫେରିଲେ ୩ ରିଜର୍ଭ ଖେଳାଳି

ନୂଆଦିଲ୍ଲୀ, ୧୬।୧୨: ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ୫ ଟି ଟେଷ୍ଟ ମ୍ୟାଚ ସିରିଜ ଖେଳାଯାଉଛି। ସେପଟେ ବିସିସିଆ।ଇ ଏକ ବଡ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ବିସିସିଆ।ଇ ଭାରତୀୟ ଦଳର ୩ଖେଳାଳିଙ୍କୁ ଭାରତକୁ ପଠାଇଛି।ଏହି ଖେଳାଳିଙ୍କ ମଧ୍ୟରେ ଦ୍ରୁତ ବୋଲର ଯଶ ଦିନଲ, ମୁକେଶ କୁମାର ଏବଂ ନବଦୀପ ସାଇନିଙ୍କ ନାମ ଅନ୍ତର୍ଭୁକ୍ତ ଏହି ଖେଳାଳିମାନଙ୍କୁ ରିଜର୍ଭ ଭାବରେ ଦଳରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ୩ଖେଳାଳିଙ୍କୁ ଭାରତକୁ ପଠାଯାଇଛି କାରଣ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୧ରୁ ଆ।ରମ୍ଭ ହେଉଛି ଏବଂ ସମସ୍ତେ ନିଜ ନିଜ ଦଳ ପାଇଁ ଖେଳୁଥିବା ଦେଖିବାକୁ ମିଳିବ।

ଭାରତୀୟ ଦ୍ରୁତ ବୋଲର ଖାଲିଲ ଅହମ୍ମଦଙ୍କ ସ୍ଥାନରେ ଅଷ୍ଟ୍ରେଲିଆ। ଗସ୍ତ ପାଇଁ ଯଶ ଦିନଲଙ୍କୁ ଦଳରେ ସାମିଲ କରାଯାଇଥିଲା। ନେଟ ଶେସନରେ ଖାଲିଲ ସମ୍ପୂର୍ଣ୍ଣ ଫିଟ ହୋଇନଥିଲେ, ଯେଉଁଥିପାଇଁ ଯଶଙ୍କୁ ଭାରତୀୟ ଦଳ ସହିତ ପଠାଯାଇଥିଲା ବର୍ତ୍ତମାନ ଯଶଙ୍କୁ ଉତ୍ତରପ୍ରଦେଶ ପାଇଁ ବିଜୟ ହଜାରେ ଟ୍ରଫିରେ ଖେଳୁଥିବା ଦେଖିବାକୁ ମିଳିବ।

ଦ୍ରୁତ ବୋଲର ମୁକେଶ କୁମାରଙ୍କ ପାଇଁ ଏହି ଯାତ୍ରା ବହୁତ ଲମ୍ବା ହୋଇଛି ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଇଣ୍ଡିଆ। ଏ ଦଳ ସହିତ ଅଷ୍ଟ୍ରେଲିଆ। ଗସ୍ତରେ ଯାଇଥିଲେ। ଏବେ ତାଙ୍କୁ ବିଜୟ ହଜାରେ ଟ୍ରଫିରେ ତାଙ୍କ ଦଳ

# ମହିଳା ପ୍ରିମିୟର ଲିଗ୍ ଅକ୍ସନ : ସିମ୍ରନ ଶେଖ୍ ସବୁଠୁ ମହଙ୍ଗା

ବେଙ୍ଗାଲୁରୁ, ୧୬।୧୨: ମହିଳା ପ୍ରିମିୟର ଲିଗ୍ (ଡବ୍ଲିପିଏଲ୍) ୨୦୨୫ ସଂସ୍କରଣ ପାଇଁ ଶେଷ ହୋଇଛି ନିଲାମ। ବେଙ୍ଗାଲୁରୁରେ ଏହି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା ।ଏଥିରେ ୫ଟି ଦଳ ମୋଟ ୧୯ଜଣ ଖେଳାଳିଙ୍କୁ କିଣିଛନ୍ତି ।ଏହି ୧୯ଜଣ ଖେଳାଳିଙ୍କ ପାଇଁ ମୋଟ ୯.୦୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।ତେବେ ୧.୯ କୋଟିରେ ଗୁଜରାଟ ଜାଏଣ୍ଟ୍ସ କିଣିଥିବା ସିମ୍ରନ ଶେଖ ନିଲାମରେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

ଅକ୍ସନରେ ୫ଟି ଫ୍ରା□ାଇଜ୍ ମୁମ୍ବାଇ ଇଣ୍ଡିଆ।ନ୍ସ , ଗୁଜରାଟ ଜାଏଣ୍ଟ୍ସ , ୟୁପି ।ରିୟର୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ନିଜ ନିଜ ଦଳ ସଜାଡ଼ିବା ପାଇଁ ଲାଗିଥିଲା ବିଡ୍-ୱାର୍ ଏଥର ନିଲାମରେ ୪ ଜଣ ଖେଳାଳି କୋଟିଏରୁ ଅଧିକ ଟଙ୍କାରେ ବିକ୍ରି ହୋଇଛନ୍ତି ।ତେବେ ୨୨ ବର୍ଷୀୟ



ମିଡିଲ ଅର୍ଡର ବ୍ୟାଟର ସିମ୍ରନ୍ ଶେଖ ଡବ୍ଲୁପିଏଲ୍ ୨୦୨୫ ନିଲାମର ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହଇଛନ୍ତି ଗୁଜରାଟ ଜାଏଣ୍ଟ୍ସ ତାଙ୍କୁ ୧.୯ କୋଟି ଟଙ୍କାରେ ନିଜ ଦଳରେ ସାମିଲ କରିଛି। ସିମ୍ରନ୍ ମଧ୍ୟ ଜଣେ ପ୍ରଭାବୀ ଲେଗ୍ ସ୍ପିନର ଭାବେ ପରିଚିତ।

ସେହିଭଳି ସିମ୍ରନଙ୍କ ପରେ ଦ୍ୱିତୀୟ ମହଙ୍ଗା ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଓ୍ୱେଷ୍ଟଇଣ୍ଡିଜର ଡିଂଡ୍ରା ଡୋଟିନ୍ ତାଙ୍କୁ ମଧ୍ୟ ଗୁଜରାଟ ଜାଏଣ୍ଟ୍ସ କିଣିଛି ଦ୍ରୁତ ବୋଲିଂ ଅଲରାଉଣ୍ଡର ଡିଂଡ୍ରାଙ୍କୁ ୧.୭ କୋଟି ଟଙ୍କାରେ କିଣିଛି ଗୁଜରାଟ ଏହି ତାଲିକାର ତୃତୀୟରେ ରହିଛନ୍ତି ୧୬ ବର୍ଷୀୟା ଓ୍ୱିକେଟ୍ କିପର ଜି କମଳିନୀ ତାଙ୍କୁ ମୁମ୍ବାଇ ଇଣ୍ଡିଆ।ନ୍ସ ୧.୬ କୋଟି ଟଙ୍କାରେ କିଣିଛି। ଗୋଟିଏ ପଟେ ଡବ୍ଲୁପିଏଲ୍ ଅକ୍ସନ ଚାଲିଥିବାବେଳେ ଅନ୍ୟପଟେ ମହିଳା ଅଣ୍ଡର-୧୯ ଏସିଆ। କପରେ କମଳିନୀ ଏକ ଚମତ୍କାର ଇନିଂସ ଖେଳିଥିଲେ ସେ ପାକିସ୍ତାନ ବିପକ୍ଷରେ କେବଳ ୨୯ ବଲରେ ୪୪ ରନର ବିସ୍ଫୋରକ ପାଳି ଖେଳିଥିଲେ ।କମଳିନୀଙ୍କ ଏହି ଧୂଆଁଧାର ପାଳି ବଳରେ ଭାରତ କେବଳ ୪୭ ବଲରେ ହିଁ ମ୍ୟାଚ୍ ଜିତି ଯାଇଥିଲା। ଯାହା ଅକ୍ସନରେ ତାଙ୍କ ଚାହିଦା ବଢ଼ାଇ ଦେଇଥିଲା। ଶେଷରେ ମୁମ୍ବାଇ ଇଣ୍ଡିଆ।ନ୍ସ ୧.୬ କୋଟି ଟଙ୍କାରେ କମଳିନୀଙ୍କୁ ନିଜ ଦଳରେ ସାମିଲ କରିଛି। ଏହି ନିଲାମରେ କୋଟିପତି ହେବାରେ ପ୍ରେମା ରାତ ଚତୁର୍ଥ ତଥା ଶେଷ ଖେଳାଳି ତାଙ୍କୁ ବେଙ୍ଗାଲୁରୁ ଫ୍ରା□ାଇଜ୍ ୧.୨ କୋଟିରେ ନିଜ ଦଳରେ ସାମିଲ କରିଛି। ୨୩ ବର୍ଷୀୟା ବୋଲିଂ ଅଲରାଉଣ୍ଡର ପ୍ରେମା ଜଣେ ଆ।କ୍ରାମକ ଲେଗ୍ ସ୍ପିନର ଓ ବ୍ୟାଟିଂରେ ବି ଦକ୍ଷ।

# ଆଜି ଆସିବ ଚାମ୍ପିଅନ୍ସ ଟ୍ରଫିର କାର୍ଯ୍ୟସୂଚୀ

ଲାହୋର: ୨୦୨୫ ଚାମ୍ପିୟନ୍ସ ଟ୍ରଫି ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଛି ଏହା ପଛର କାରଣ ଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ, କିନ୍ତୁ ଏବେ ଏହି ଅଚଳାବସ୍ଥା ଶେଷ ହୋଇଛି ।ହାଇବ୍ରିଡ୍ ମଡେଲ୍ ପାଇଁ ପିସିବି ରାଜି ହେବା ପରେ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି ଆ।ଜି ସଂଧ୍ୟାରେ ଏହାର ଘୋଷଣା ହେବାର ସମ୍ଭାବନା ରହିଛି । ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ଆ।ୟୋଜନ କରୁଛି କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଟିମ୍ ଇଣ୍ଡିଆ।କୁ ପାକିସ୍ତାନ ପଠାଇବାକୁ ଭାରତ ସ୍ପଷ୍ଟ ମନା କରିଦେଇଥିଲା ଏହା ପଛରେ ସୁରକ୍ଷା କାରଣ ଦର୍ଶାଯାଇଥିଲା । ସେବେଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଭାରତ ଏକ ହାଇବ୍ରିଡ୍ ମଡେଲ ପ୍ରସ୍ତାବ ଦେଇଥିଲା, ଯାହାକୁ ପାକିସ୍ତାନ କିଛି ସର୍ତ୍ତ ସହ ଗ୍ରହଣ କରିଥିଲା

### ଦେଶକୁ ଫେରିଲେ ବିଶ୍ୱ ବିଜେତା

ଚେନ୍ନାଇ: ବିଶ୍ୱ ଚେସ୍ ଚାମ୍ପିଅନ ଡି ଗୁକେଶ ସୋମବାର ଦେଶକୁ ଫେରିଛନ୍ତି ହଜାର ହଜାର ପ୍ରଶଂସକଙ୍କ ଭିଡ଼ ଚମ୍ପିଅନଙ୍କୁ ସ୍ୱାଗତ ଜଣାଇଛି । ବିମାନ ବନ୍ଦରରେ ତାମିଲନାଡ଼ୁ ସରକାରଙ୍କ ପ୍ରତିନିଧି ଏବଂ ରାଷ୍ଟ୍ରୀୟ ଚେସ୍ ମହାସଙ୍ଘର ଅଧିକାରୀ ଜୋରଦାର ସ୍ୱାଗତ କରିଥିଲେ ।

ଡି ଗୁକେଶଙ୍କୁ ୱାଗତ ଜଣାଇବା ପାଇଁ ତାମିଲନାଡ଼ୁ କ୍ରୀଡ଼ା ବିକାଶ ପ୍ରାଧିକରଣ ଅଧିକରୀ ଏବଂ ସହରର ପ୍ରସିଦ୍ଧ ବେଲାମାଲ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ମିଡିଆ। ଏବଂ ପ୍ରଶଂସକଙ୍କ ଗହଳି ମଧ୍ୟରେ ଚାମ୍ପିଅନଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ଗହଳି ଭିତରେ ପ୍ରତିକ୍ରିୟା ଦେଇ ଗୁକେଶ କହିଥିଲେ, ’ଏହା ଅଭୂତପୂର୍ବ ଆ।ପଣମାନଙ୍କ ସମର୍ଥନ ମୋତେ ଅଧିକ ଉର୍ଜାବାନ କରିଛି । ବିଶ୍ୱ ଚାମ୍ପିଅନଶିପ ଜିତିବା ଏକ ସ୍ମରଣୀୟ ଅନୁଭୂତି ’ ସେ କହିଛନ୍ତି, ’ଭାରତକୁ ଟ୍ରଫି ଫେରାଇ ଆ।ଣିବା ଅନେକ ଗୁରୁ ରଖୁଛି ଏହି ସ୍ୱାଗତ ପାଇଁ ଧନ୍ୟବାଦ ମୁଁ ଆ।ଶା କରୁଛି ଯେ ଆ।ଗାମୀ କିଛି ଦିନ ଆ।ମେ ସମସ୍ତେ ଉତ୍ସବ ପାଳି ଖୁସିର ସମୟ ବିତାଇବା ’। ଚେନ୍ନାଇର କାମରାଜ ବିମାନ ବନ୍ଦରରେ ଓହ୍ଲାଇବା ପରେ ତାମିଲନାଡ଼ୁ ଖେଳ ବିଭାଗ ଏବଂ ଗୁକେଶଙ୍କ ସ୍କୁଲ ବେମାମ୍ମଲ ବିଦ୍ୟାଳୟର କର୍ମଚାରୀ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ସୋଆରେ ଓଡ଼ିଶା ଓପନ୍ ଏବଂ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର ଚେସ୍ ଆରମ୍ଭ

ଭୁବନେଶ୍ୱର, ୧୬।୧୨: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଠାରେ ରବିବାର ଓଡ଼ିଶା ଓପନ୍ ଏବଂ ୧୫ତମ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଉତ୍ସବ ଆରମ୍ଭ ହୋଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ପ୍ରାୟ ୭୦୦ ପ୍ରତିଯୋଗୀ ସାମିଲ ହୋଇଛନ୍ତି।

ଏହି ଟୁର୍ଣ୍ଣାମେଂଟ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବୟସର ଖେଳାଳୀମାନେ ଆଗ୍ରହର ସହ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ। ଏହାକୁ ଏକ ଉଚ୍ଚକୋଟୀର କାର୍ଯ୍ୟକ୍ରମ ବୋଲି ଅଭିହିତ କରିବା ସହ ଏହା ସାହାଯ୍ୟରେ ଚେସ୍ ଖେଳକୁ ଅଧିକ ଲୋକାଭିମୁଖୀ କରିହେବ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ।



ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ସୋଆ, କେ । ଟ । ର ।ଇନ୍‌ଟରନ୍ୟାସ୍‌ନାଲ ଏବଂ ଏମ୍‌ପ୍ରିଓ ଗ୍ରୁପ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ବେଳେ ଏହି ଟୁର୍ଣ୍ଣାମେଂଟରେ ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି।

‘ଏ’ କ୍ୟାଟେଗୋରୀରେ ୧୯୦୦ କିମ୍ବା ତଦୁର୍ଦ୍ଧ ଏଲୋ ରେଟିଂ ଥିବା ପ୍ରାୟ ୧୨୦ ଜଣ ଖେଳାଳୀ ଭାଗ ନେଇଥିବା ବେଳେ କ୍ୟାଟେଗୋରୀ ‘ବି’ରେ ୧୯୦୦ ରୁ କମ୍ ଏଲୋରେଟିଂ ଥିବା ଖେଳାଳୀ ଏବଂ କ୍ୟାଟେଗୋରୀ ‘ସି’ରେ ୧୬୦୦ରୁ କମ୍ ଏଲୋରେଟିଂ ଥିବା ଖେଳାଳୀ ସାମିଲ ହୋଇଛନ୍ତି।

କ୍ୟାଟେଗୋରୀ ‘ଏ’ର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରହିଥିବା ବେଳେ ସର୍ବାଧିକ ପୁରସ୍କାର ସାଢ଼େ ୫ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି କ୍ୟାଟେଗୋରୀ ‘ବି’ ଏବଂ କ୍ୟାଟେଗୋରୀ ‘ସି’ ନିମନ୍ତେ ସାଢ଼େ ସାତ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ରଖାଯାଇଛି।

ସୋଆର ଦ୍ୱିତୀୟ କ୍ୟାମ୍ପସ୍‌ରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଂଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଧାୟକ ଶ୍ରୀ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଂଟର ଅର୍ଗାନାଇଜିଂ କମିଟିର ଅଧ୍ୟକ୍ଷ ତଥା ଏମ୍ପ୍ରିଓ ଗ୍ରୁପର ନିର୍ଦ୍ଦେଶକ ଡାକ୍ତର ଅବିନାଶ ସାମଲ, ଟୁର୍ଣ୍ଣାମେଂଟର ଅର୍ଗାନାଇଜିଂ କମିଟିର ସହ ଅଧ୍ୟକ୍ଷ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏଓସିଓର ସଚିବ ତଥା ଟୁର୍ଣ୍ଣାମେଂଟର ନିର୍ଦ୍ଦେଶକ ଶ୍ରୀ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶ୍ରୀ ଶଙ୍କର ପ୍ରସାଦ ମିଶ୍ର ଏବଂ ସୋଆର ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା ଉପସ୍ଥିତ ଥିଲେ।

# ନ୍ୟୁଜିଲାଣ୍ଡ ପାଇଁ ରେକର୍ଡ କଲେ ୱିଲିୟମସନ୍

ନୂଆଦିଲ୍ଲୀ, ୧୬।୧୨: ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଏକ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି, ଯାହାର ତୃତୀୟ ଟେଷ୍ଟ ମ୍ୟାଚ ସେଡନ ପାର୍କରେ ଖେଳାଯାଉଛି ।ଏହି ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ କେନ ୱିଲିୟମସନ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଇନିଂସରେ ଚମତ୍କାର ଶତକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଏହା ହେଉଛି ତାଙ୍କ ଟେଷ୍ଟ କ୍ୟାରିୟରର ୩୩ ତମ ଶତକ।

ବିଶେଷ କଥା ହେଉଛି ଟେଷ୍ଟ କ୍ରିକେଟର ୧୪୭ ବର୍ଷର ଇତିହାସରେ ୱିଲିୟମସନ ବିଶ୍ୱର ପ୍ରଥମ ଖେଳାଳି ହୋଇପାରିଛନ୍ତି। ଏହା ବ୍ୟତୀତ ଦ୍ରୁତତମ ୩୩ତମ ଟେଷ୍ଟ ଶତକ ହାସଲ କରିବାରେ ସେ ତୃତୀୟ ଖେଳାଳି ହୋଇଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଟେଷ୍ଟ ଶତକ ହାସଲ କରିବାକୁ ୱିଲିୟମସନ ମଧ୍ୟ ଖେଳାଳି ହୋଇଛନ୍ତି।



ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୬ଟି ଛକା ମାରି କେନ ୱିଲିୟମସନ ନିଜର ଶତକ ପୂରଣ କରିଥିଲେ। ଏହା ସହିତ ୱିଲିୟମସନ ସମାନ ଗ୍ରାଉଣ୍ଡରେ କ୍ରମାଗତ ୫ ଶତକ ସ୍କୋର କରିବା ଖେଳାଳି ହୋଇଥିଲେ। ୱିଲିୟମ୍ସନ ୨୦୧୯ରେ ବାଂଲାଦେଶ ବିପକ୍ଷରେ ୨୦୦ ରନ, ୨୦୧୯ରେ ଇଂଲଣ୍ଡ ବିପକ୍ଷରେ ୧୦୪ ରନ, ୨୦୨୦ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୫୧ ରନ, ୨୦୨୪ରେ ଦକ୍ଷିଣ ଆ।ଫ୍ରିକା ବିପକ୍ଷରେ ୧୩୩ରନ ଏବଂ ୨୦୨୪ରେ ଇଂଲଣ୍ଡ ବିପକ୍ଷରେ ୧୫୬ ରନ ସଂଗ୍ରହ କରିଛନ୍ତି। ସେଡନ ପାର୍କରେ ୱିଲିୟମ୍ସନଙ୍କ ଏହା ହେଉଛି ସପ୍ତମ ଟେଷ୍ଟ ଶତକ

ଦ୍ରୁତତମ ୩୩ ଟେଷ୍ଟ ଶତକ ହାସଲ କରିବାରେ କେନ ୱିଲିୟମସନ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛନ୍ତି ତାଙ୍କ ପୂର୍ବରୁ ରିକି ପଣ୍ଟିଂ ଏବଂ ସଚିନ ତେନ୍ଦୁଲକର ଶୀର୍ଷ ଦୁଇରେ ଅଛନ୍ତି ୱିଲିୟମ୍ସନଙ୍କ ପରେ ୟୁନିସ ଖାନ ଏବଂ ଷ୍ଟିଭ ସ୍ମିଥ କେନ ୱିଲିୟମ୍ସନ ତାଙ୍କର ୧୮୬ ତମ ଟେଷ୍ଟ ଇନିଂସରେ ୩୩ତମ ଟେଷ୍ଟ ଶତକ ପୂରଣ କରିଛନ୍ତି।

## ୬ଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ଟୁର୍ଣ୍ଣାମେଂଟ୍ ତୃତୀୟ ଦିବସ

# ରାଧାରମଣ କ୍ଲବ-କଟକ ଫୁଟ୍‌ବଲ୍ ଟିମ୍ ବିଜୟୀ

ଢେଙ୍କାନାଳ, ୧୬।୧୨ : ଢେଙ୍କାନାଳ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଏବଂ ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ରେ ରାଜ୍ୟରୁ ୪ଟି ଦଳ ଯୋଗଦେଇଥିବାବେଳେ ବିଭିନ୍ନ ରାଜ୍ୟରୁ ୮ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ମୋଟ୍ ୧୨ଟି ଦଳ ମଧ୍ୟରେ ଚାରୋଟି ଗ୍ରୁପ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେଉଅଛି । ତୃତୀୟ ଦିନର ମ୍ୟାଚ୍‌ରେ ରାଧାରମଣ କ୍ଲବ କଟକ ଫୁଟ୍‌ବଲ୍ ଟିମ୍ ସହିତ ୱାଇ.ଡି.ସି ମଣିପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ରାଧାରମଣ କ୍ଲବ କଟକ ୨-୧ ଗୋଲ୍‌ରେ ବିଜୟଲାଭ କରିଥିବାବେଳେ ୱାଇ.ଡି.ସି ମଣିପୁର ୧ଟି ଗୋଲ ସ୍କୋର କରି ପରାସ୍ତ ହୋଇଥିଲା। ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର , ସମ୍ମାନିତ ଅତିଥି



ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁର୍ଯ୍ୟମଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂଘ ସଂପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ ଓ ସୌଭାଗ୍ୟ ସାହୁ , ଯୁଗ୍ମ ସଂପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନିଲ୍ ପଣ୍ଡା, ବସନ୍ତ ବେହେରା, ସନ୍ତୋଷ କାନୁନ୍‌ଗୋ, ଶିବ ପ୍ରସାଦ ଦାଶ, ଶିବରାମ ଦେହୁରୀ, ସୁଶାନ୍ତ ଜେନା, ସରୋଜ ମହାନ୍ତି, ପର୍ଶୁରାମ ମିଶ୍ର ପ୍ରମୁଖ ଏହି ଟୁର୍ଣ୍ଣାମେଂଟ ଆୟୋଜନରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ମ୍ୟାଚ୍ ରେଫରି ଭାବେ କିଶନ ଦାଶ, ଶଶିକାନ୍ତ ଦାସିଆ, ପ୍ରଦୀପ୍ତ ନାୟକ , ଅନୀଲ ନନ୍ଦ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ମ୍ୟାଚ୍ କମିଶନର ଭାବେ ମାୟାଧର ସାହୁ ମ୍ୟାଚ ପରିଚାଳନା କରିଥିଲେ । ଆଜିର ଏହି ମ୍ୟାଚ୍‌ରେ ୱାଇ.ଡି.ସି ମଣିପୁର ପକ୍ଷରୁ ଗିବାଲ ଡୋ ୧ଟି, ରାଧାରମଣ କ୍ଲବ କଟକର ଡିକି ସେଠୀ ୧ଟି, ବିଷ୍ଣୁ ସାମଲ ୧ଟି ଗୋଲ୍ ଦେଇଥିବାବେଳେ ଡିକି ସେଠୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀଙ୍କ ଦ୍ୱାରା ୧ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌ରେ ଘୋଷକ ଭାବେ ପ୍ରେମାନନ୍ଦ ମହନ୍ତ ଓ ଆଡଭୋକେଟ୍ ସରୋଜ ପାଢୀ ଉପସ୍ଥିତ ରହି ଖେଳ ସଂପର୍କରେ ଧାରାବିବରଣୀ ପ୍ରଦାନ କରି ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ସମଲେଶ୍ୱରୀ ସ୍ପୋଟିଂ ସମ୍ବଲପୁର ଓଡିଶା ବନାମ ଏମ,କେ,ଏସ,ସି-ବିହାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂଘ ସଂପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି । ଏହି ମ୍ୟାଚ୍‌ରେ ରାଧାରମଣ କ୍ଲବ କଟକ ୨-୧ ଗୋଲ୍‌ରେ ବିଜୟଲାଭ କରି କ୍ୱାଟର ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ